ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୧୭୩
୩୧ ଅକ୍ଟୋବର, ୨୦୨୫ ଶୁକ୍ରବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 173
31st October, 2025 Friday
Kendrapara

ODISHA EXPRESS    SIGHTS TRUTH WRITES TRUTH    ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in    E-mail : odishaexpress@gmail.com    RNI Regd. No. ODIODI/2009/28880    ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ଓଁ ୟାଂ ମେଧାଂ ଦେବାଗଣଃ ପିତରଶ୍ଚୋ ପାସତେ
ତୟା ମା ମଧ୍ୟ ମେଧୟା ଅଗ୍ନେ ମେଧାବିନଂ କୁରୁ**

ହେ ମେଧାବାନ୍ ପରାମାତ୍ମା ! ଆମର ଦେବଗଣ, ଋଷିଗଣ ଓ ପିତୃପୁରୁଷ ଯେଉଁ ମେଧା ବୁଦ୍ଧିର ପ୍ରାର୍ଥନା, ଉପାସନା ଓ ଯାଚନା ସବୁବେଳେ କରି ଆସିଛନ୍ତି, ଆପଣ ଆମ ସମସ୍ତଙ୍କୁ ସେହି ମେଧା ବୁଦ୍ଧି ପ୍ରଦାନ କରନ୍ତୁ, ଯଦ୍ୱାରା ଆମର ସମସ୍ତ ଶୁଭକାର୍ଯ୍ୟ ଯଥାବିଧି ସମ୍ପନ୍ନ ହେବ।

# ୯୨ ଆରଓବି ନିର୍ମାଣ କରିବ କେନ୍ଦ୍ର

## ଭୁବନେଶ୍ୱର ଓ ପୁରୀ ଷ୍ଟେସନରେ ହେବ 'ଯାତ୍ରୀ ସୁବିଧା କେନ୍ଦ୍ର'

**ଭୁବନେଶ୍ୱର,୩୦।୧୦
ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶାରେ ୯୨ଟି ରେଳ ଓଭରବ୍ରିଜ୍ ନିର୍ମାଣ ସମେତ ଦିଲ୍ଲୀ ରେଳଷ୍ଟେସନ ଶୈଳୀରେ ଭୁବନେଶ୍ୱର ଓ ପୁରୀ ଷ୍ଟେସନରେ ଆଧୁନିକ 'ଯାତ୍ରୀ ସୁବିଧା କେନ୍ଦ୍ର' ନିର୍ମାଣ ହେବ। ରେଳ ମନ୍ତ୍ରଣାଳୟ ଏଥିପାଇଁ ଆବଶ୍ୟକ ପାଣ୍ଠି ଖର୍ଚ୍ଚ କରିବ। ଓଡିଶାରେ ରେଳବାଇ ଭିତ୍ତିଭୂମି ବିକାଶ ନିମନ୍ତେ ୯୨ଟି ରେଳ ଓଭରବ୍ରିଜ (ଆରଓବି) ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଧନ୍ୟବାଦ ଦେଇଛନ୍ତି ।




ରାଜ୍ୟରେ ୯୨ଟି ଆରଓବି ନିର୍ମାଣ ପାଇଁ ସମସ୍ତ ଖର୍ଚ୍ଚ କେନ୍ଦ୍ର ରେଳ ମନ୍ତ୍ରଣାଳୟ ବହନ କରିବ। ଓଡିଶା ସରକାରଙ୍କ ଏହି ପ୍ରସ୍ତାବକୁ ମନ୍ତ୍ରଣାଳୟ ଅନୁମୋଦନ ଦେଇଛନ୍ତି। ପୂର୍ବରୁ ରାଜ୍ୟରେ ଆରଓବି ନିର୍ମାଣ ଖର୍ଚ୍ଚ ଉଭୟ ରେଳ ମନ୍ତ୍ରଣାଳୟ ଓ ରାଜ୍ୟ ସରକାର ୫୦-୫୦ ପ୍ରତିଶତ ଅନୁପାତରେ ବହନ କରିବାକୁ ସ୍ଥିର ହୋଇଥିଲା। ମାତ୍ର ରାଜ୍ୟ ସରକାରଙ୍କ ଅନୁରୋଧ ପରେ କେନ୍ଦ୍ର ରେଳ ମନ୍ତ୍ରଣାଳୟ ଏହି ୯୨ଟି ଆରଓବି ନିର୍ମାଣ ପାଇଁ ସମସ୍ତ ଖର୍ଚ୍ଚ ବହନ କରିବେ ବୋଲି ଚିଠି ଲେଖି ରାଜ୍ୟ ସରକାରଙ୍କୁ ଅବଗତ କରାଇଛନ୍ତି। ଏହି ରେଳ ଓଭର ବ୍ରିଜଗୁଡିକ ନିର୍ମାଣ ଦ୍ୱାରା ରେଳ ଲାଇନ୍ କ୍ରସିଂରେ ଟ୍ରାଫିକ୍ ସମସ୍ୟା ହ୍ରାସ ପାଇବ ଏବଂ ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ଆସିବ।

ଭୁବନେଶ୍ୱର ଓ ପୁରୀ ରେଳ ଷ୍ଟେସନ ସମେତ ଦେଶର ମୋଟ ୭୬ଟି ଷ୍ଟେସନରେ ଅତିରିକ୍ତ 'ଯାତ୍ରୀ ସୁବିଧା କେନ୍ଦ୍ର' ବା ପ୍ରତୀକ୍ଷା ପାଇଁ ଉଦ୍ଦିଷ୍ଟ ଅଂଚଳ ନିର୍ମାଣ କରାଯିବ ବୋଲି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଘୋଷଣା କରିଛନ୍ତି। ନୂଆଦିଲ୍ଲୀ ଷ୍ଟେସନରେ ମାତ୍ର ୪ମାସ ମଧ୍ୟରେ ଏଭଳି ପ୍ରତୀକ୍ଷା ଅଂଚଳ ନିର୍ମାଣ କରି ରେଳବାଇ ମନ୍ତ୍ରଣାଳୟ ଦୀପାବଳି ଓ ଛଟ୍ ପର୍ବ ସମୟରେ ଯାତ୍ରୀଙ୍କ ଭିଡ ପରିଚାଳନାକୁ ସହଜ କରିପାରିଥିଲା। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଓ ପୁରୀ ସମେତ ଦେଶର ମୋଟ ୭୬ଟି ପ୍ରମୁଖ ଷ୍ଟେସନରେ ଅନୁରୂପ ପ୍ରତୀକ୍ଷା ଅଂଚଳ ନିର୍ମାଣ କରାଯିବ। ଯାହା ୩ଟି ଭାଗରେ ବିଭକ୍ତ ହେବ। ସେଠାରେ ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ ଶୌଚାଳୟ, ଟିକେଟ୍ କାଉଂଟର, ସ୍ୱୟଂଚାଳିତ ଟିକେଟ୍ ଭେଣ୍ଡିଂ ମେସିନ୍ ଓ ପାନୀୟ ଜଳ ସୁବିଧା ଉପଲବ୍ଧ ହେବ। ସ୍ଥାନୀୟ ଆବଶ୍ୟକତାକୁ ଧ୍ୟାନରେ ରଖି ଏହା ନିର୍ମାଣ କରାଯିବ ଓ ୨୦୨୬ ମସିହା ପାର୍ବଣ ଋତୁ ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଫେବୃଆରୀ ୧୭ରୁ ସିବିଏସ୍ଇ ପରୀକ୍ଷା




**ନୂଆଦିଲ୍ଲୀ,୩୦।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍?ଇ) ୨୦୨୬ ଶ୍ରେଣୀ ଦଶମ ଏବଂ ଦ୍ୱାଦଶ ବୋର୍ଡ ପରୀକ୍ଷା ପାଇଁ ତାରିଖ ଘୋଷଣା କରିଛି। ବୋର୍ଡର ଘୋଷଣା ଅନୁଯାୟୀ, ୨୦୨୬ ଫେବୃଆରୀ ୧୭ରୁ ପରୀକ୍ଷା ଆରମ୍ଭ ହେବ। ତାରିଖ ଘୋଷଣା କରି, ବୋର୍ଡ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରଛାତ୍ରୀମାନଙ୍କୁ ଆହୁରି ପ୍ରଭାବଶାଳୀ ଭାବରେ ସେମାନଙ୍କର ପ୍ରସ୍ତୁତି ଆରମ୍ଭ କରିବାର ସୁଯୋଗ ଦେଇଛି। ବୋର୍ଡ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀମାନେ ସିବିଏସ୍ଇର ଅଫିସିଆଲ୍ ୱେବସାଇଟ୍ cbse.gov.inକୁ ଯାଇ ସେମାନଙ୍କର ଡେଟ୍‌ସିଟ୍ ଦେଖିପାରିବେ। ଦଶମ ଶ୍ରେଣୀ ପରୀକ୍ଷା ୧୦ ମାର୍ଚ୍ଚ ଏବଂ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ୯ ଏପ୍ରିଲ, ୨୦୨୬ରେ ଶେଷ ହେବ। ପରୀକ୍ଷା ସକାଳ ୧୦ଟା ୩୦ରୁ ଆରମ୍ଭ ହେବ ଏବଂ ଅପରାହ୍ନ ୧ଟା ୩୦ରେ ଶେଷ ହେବ। ସିବିଏସ୍ଇ ଦଶମ ଶ୍ରେଣୀ ପରୀକ୍ଷା ତାରିଖକୁ ମଧ୍ୟ ସଂଶୋଧନ କରିଛି। ଅନେକ ବିଷୟର ପରୀକ୍ଷା ତାରିଖ ପୁନଃନିର୍ଦ୍ଧାରିତ କରାଯାଇଛି। ଗୃହ ବିଜ୍ଞାନ ପରୀକ୍ଷା ତାରିଖ ବର୍ତ୍ତମାନ ଫେବୃଆରୀ ୧୮ ତାରିଖକୁ ଘୁଞ୍ଚାଇ ଦିଆଯାଇଛି, ପ୍ରଥମେ ଫେବୃଆରୀ ୨୬ ପାଇଁ ସ୍ଥିର କରାଯାଇଥିଲା। ୨୦୨୫ ପରୀକ୍ଷାର ଫଳାଫଳ ପ୍ରକାଶ କରିବା ସମୟରେ, ସିବିଏସଇ ଘୋଷଣା କରିଥିଲା ଯେ ୨୦୨୬ରେ ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫେବୃଆରୀ ୧୭, ୨୦୨୬ରେ ଆରମ୍ଭ ହେବ। ୨୦୨୬ରେ ଜାତୀୟ ଶିକ୍ଷା ନୀତିରେ ସୁପାରିଶ ଅନୁଯାୟୀ ସିବିଏସଇ ଦଶମ ଶ୍ରେଣୀ ପାଇଁ ଦୁଇଟି ବୋର୍ଡ ପରୀକ୍ଷା କରିବ। ୯ମ ଏବଂ ୧୧ ଶ୍ରେଣୀ ପାଇଁ ପଞ୍ଜୀକରଣ ତଥ୍ୟ ଆଧାରରେ, ସିବିଏସ୍ଇ ପ୍ରଥମେ ପରୀକ୍ଷା ଆରମ୍ଭ ହେବାର ୧୪୬ ଦିନ ପୂର୍ବରୁ ସେପ୍ଟେମ୍ବର ୨୪ରେ ୨୦୨୬ ପରୀକ୍ଷା ପାଇଁ ଏକ ପ୍ରାରମ୍ଭିକ ଅସ୍ଥାୟୀ ତାରିଖ ସୂଚୀ ପ୍ରକାଶ କରିଥିଲା।

# ଜଷ୍ଟିସ ସୂର୍ଯ୍ୟକାନ୍ତ ୫୩ତମ ସିଜେଆଇ

**ନୂଆଦିଲ୍ଲୀ,୩୦।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଭାବେ ନିଯୁକ୍ତ ହେଲେ ଜଷ୍ଟିସ ସୂର୍ଯ୍ୟକାନ୍ତ। ଗୁରୁବାର କେନ୍ଦ୍ର ସରକାର ତାଙ୍କୁ ଭାରତର ୫୩ ତମ ପ୍ରଧାନ ବିଚାରପତି (ସିଜେଆଇ) ଭାବରେ ନିଯୁକ୍ତ ଦେଇଛନ୍ତି। ଏନେଇ ଆଇନ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସେ ନଭେମ୍ବର ୨୪ ତାରିଖରେ ପ୍ରଧାନ ବିଚାରପତି ଭାବେ ଶପଥ ନେବେ। ହରିଆଣାର ପ୍ରଥମ ବ୍ୟକ୍ତି ଭାବେ ସେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ହେବାକୁ ଯାଉଛନ୍ତି। ତେବେ ବର୍ତ୍ତମାନ ବିଆର ଗଭଇ ସିଜେଆଇ ପଦରେ ରହିଛନ୍ତି।



୧୦ ଫେବୃଆରୀ ୧୯୬୨ ମସିହାରେ ହରିୟାଣାର ହିସାର ଜିଲ୍ଲାର ଏକ ଛୋଟ ଗାଁ ପେଟୱାରରେ ଜନ୍ମଗ୍ରହଣ କରିଥିଲେ ଜଷ୍ଟିସ ସୂର୍ଯ୍ୟକାନ୍ତ। ସେ ଏକ ସାଧାରଣ ପରିବାରରେ ବଢ଼ିଥିଲେ। ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ, ସେ ଗାଁ ସ୍କୁଲରେ ପାଠପଢ଼ିଥିଲେ, ଯେଉଁଠାରେ କୌଣସି ବେଞ୍ଚ ନଥିଲା। ଛାତ୍ରମାନେ ତଳେ ବସି ପାଠପଢୁଥିଲେ। ଜଷ୍ଟିସ୍ କାନ୍ତ ୧୯୮୧ ମସିହାରେ ହିସାରର ସରକାରୀ ପୋଷ୍ଟ ଗ୍ରାଜୁଏଟ୍ କଲେଜରୁ ସ୍ନାତକ କରିଥିଲେ ଏବଂ ୧୯୮୪ ମସିହାରେ ରୋହତକର ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟରୁ ଆଇନରେ ସ୍ନାତକ ଡିଗ୍ରୀ (ଏଲଏଲବି) ହାସଲ କରିଥିଲେ। ସେ ସେହି ବର୍ଷ ହିସାରର ଜିଲ୍ଲା କୋର୍ଟରେ ତାଙ୍କର ଆଇନଜୀବି କ୍ୟାରିୟର ଆରମ୍ଭ କରିଥିଲେ। ୧୯୮୫ ମସିହାରେ ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟରେ ଅଭ୍ୟାସ କରିବା ପାଇଁ ଚଣ୍ଡିଗଡ଼ ଯାଇଥିଲେ। *(ଶେଷ ପୃଷ୍ଠା ଦେଖନ୍ତୁ)*

# ୧ରୁ ତହସିଲ୍ ଅଫିସରେ ଜମି କିଣାବିକା

**ଭୁବନେଶ୍ୱର,୩୦।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗୁରୁବାର ଏକ ବଡ଼ ସୂଚନା ଦେଇଛନ୍ତି। ଏଣିକି ତହସିଲ ଅଫିସରେ ଜମି କିଣାବିକା ହୋଇପାରିବ ବୋଲି ମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି। ନଭେମ୍ବର ୧ ତାରିଖରୁ ତହସିଲ କାର୍ଯ୍ୟାଳୟରେ ଜମି କିଣାବିକା ହେବ। ପ୍ରଥମ ପର୍ଯ୍ୟାୟରେ ୪୪ଟି ତହସିଲ ଅଫିସରେ ଏହା ଆରମ୍ଭ ହେବ। ପରେ ଡିସେମ୍ବର ମାସରେ ବାକି ୨୭୩ ତହସିଲରେ ଏହି ସେବା ଆରମ୍ଭ ହୋଇଯିବ ବୋଲି ମନ୍ତ୍ରୀ କହିଛନ୍ତି। ନଭେମ୍ବର ୧ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ଶୁଭାରମ୍ଭ କରିବେ। ଅନ୍‌ଲାଇନରେ ସ୍ଲଟ ବୁକ କରି ତହସିଲ କାର୍ଯ୍ୟାଳୟରେ ଜମି ପଞ୍ଜିକରଣ କରି ପାରିବେ ବୋଲି ମନ୍ତ୍ରୀ ପୂଜାରୀ ପ୍ରକାଶ କରିଛନ୍ତି।

# ଓଏଭିରେ ପିନ୍ ଗିଳି ଛାତ୍ରଙ୍କ ମୃତ୍ୟୁ

**ଦାରିଙ୍ଗବାଡ଼ି,୩୦।୧୦
ଏକ୍ସପ୍ରେସ୍ ନ୍ୟୁଜ୍**

ନୋଟିସ୍ ବୋର୍ଡରେ ଲାଗିଥିବା ପିନ୍ ଗିଳି ଫୁଲବାଣୀର ଧୋବାତୋଟା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ର ତୁଷାର ମିଶ୍ରଙ୍କ ମୃତ୍ୟୁ ଘଟଣାରେ ଆଜି ତାଙ୍କ ବାପା ଥାନାରେ ଦେଇଛନ୍ତି ଏତଲା। ପୁଅର ମୃତ୍ୟୁ ପାଇଁ ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରି ସେ କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ଥାନାରେ ଏତଲା ଦେଇଛନ୍ତି।

ଏଫଆଇଆରରେ ତୁଷାରଙ୍କ ବାପା କାଳିପ୍ରସାଦ ମିଶ୍ର ଉଲ୍ଲେଖ କରିଛନ୍ତି ଯେ,



ଅକ୍ଟୋବର ୧୫ ତାରିଖ ଦିନ ୧୧ଟା ବେଳେ ଦୁର୍ଘଟଣାବଶତଃ ତାଙ୍କ ପୁଅ ସ୍କୁଲରେ ଏକ ପିନ୍ ଗିଳି ଦେଇଥିଲା। ଉକ୍ତ ପିନ୍‌ଟି ସ୍କୁଲ୍ ନୋଟିସ୍ ବୋର୍ଡର। ପିନ୍ ଗିଳି ଦେବା ନେଇ ସେ ପ୍ରଥମେ ତା' ସାଙ୍ଗମାନଙ୍କୁ ଜଣାଇଥିଲା। ତା'ପରେ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଜଣାଇଥିଲେ ଓ ଦରଖାସ୍ତ ଦେଇ ଘରକୁ ଯିବାକୁ ମଧ୍ୟ ଅନୁରୋଧ କରିଥିଲେ। କିନ୍ତୁ କେହି ତା' କଥାକୁ ଗୁରୁତ୍ୱ ଦେଇ ନଥିଲେ। ସେ ମିଛ କହୁଛି ବୋଲି କହିଥିଲେ। ତା' ସହିତ କିଛି ଖାଇବାକୁ ଓ ପାଣି ପିଇବାକୁ ତାକୁ ପରାମର୍ଶ ଦେଇଥିଲେ। ଫଳରେ ପିନ୍‌ଟି ପେଟକୁ ଚାଲିଯିବ ଓ ପରେ ବାହାରିବ *(ଶେଷ ପୃଷ୍ଠା ଦେଖନ୍ତୁ)*

# ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍

**କେନ୍ଦ୍ରାପଡ଼ା,୩୦।୧୦
ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ପୋକ୍ସୋ ଆକ୍ଟ ଅଧିନସ୍ଥ ସ୍ପେଶାଲ କୋର୍ଟ ଆଜି ଏକ ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାର ବିଚାର କରି ଅଭିଯୁକ୍ତ ଯୁବକକୁ ଦୋଷୀ ସାବ୍ୟସ୍ତ କରିବା ସହିତ ୨୦ବର୍ଷ କାରାଦଣ୍ଡାଦେଶ ଦେଇଛନ୍ତି । ଏଥିସହିତ ୫୦ହଜାର ଟଙ୍କାର ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଏହା ଅନାଦେୟ ହେଲେ ଅଧିକ ଏକ ବର୍ଷ କାରାଦଣ୍ଡ ନିର୍ଦ୍ଦେଶ ଦେଇଛନ୍ତି । ପୀଡ଼ିତାଙ୍କୁ ସରକାରୀ ଭାବେ ୬ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣର ସମ୍ପାଦକଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାଯାଇଛି। ପ୍ରକାଶ ଯେ, ରାଜନଗର ଥାନା ଅଂଚଳର ଜଣେ ୧୬ ବର୍ଷୀୟା ନାବାଳିକା ନିଜ ମାମୁଁ ଘରେ ଥିଲାବେଳେ ଗତ ୭.୦୯.୨୦୨୧ ତାରିଖରେ ନିଖୋଜ ହୋଇଯାଇଥିଲେ । ତେବେ ଏହାର କିଛି ଦିନ ପରେ ପ୍ରହରାଜପୁର ର ବିକ୍ରମ ବିଶ୍ୱାଳ ନାମକ ଜଣେ ଯୁବକ ଏହି ନାବାଳିକାଙ୍କୁ ଅପହରଣ କରି ନେଇ ନିଜ ଘରେ ରଖିଥିବାର ଜଣାପଡ଼ିବା ପରେ ୨୯.୧୦.୨୧ ତାରିଖରେ ଉଦ୍ଧାର କରାଯାଇଥିଲା । ପୀଡ଼ିତାଙ୍କ ମା'ଙ୍କ ଏତଲା କ୍ରମେ ରାଜନଗର ଥାନା ପୋଲିସ ଏକ ମାମଲା ରୁଜୁ କରିବା ସହିତ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିଥିଲେ । *(ଶେଷ ପୃଷ୍ଠା ଦେଖନ୍ତୁ)*

# ରାସ୍ତା ପାଇଁ ମୁଁ କାହିଁକି ଗାଳି ଶୁଣିବି ?

**ନୂଆଦିଲ୍ଲୀ,୩୦।୧୦
ଏକ୍ସପ୍ରେସ୍ ନ୍ୟୁଜ୍**

ଯେତେବେଳେ ରାସ୍ତା ଖରାପ ଅବସ୍ଥାରେ ଥାଏ, ସେତେବେଳେ ଲୋକମାନେ ପ୍ରାୟତଃ ସରକାରଙ୍କୁ ଦୋଷ ଦିଅନ୍ତି। କିନ୍ତୁ ଏବେ, କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ନିଷ୍ପତ୍ତି ନେଇଛନ୍ତି ଯେ ଯିଏ ଭୁଲ କରିବ, ଏଣିକି ତାଙ୍କ ଉପରେ ହିଁ ଦୋଷ ଲଦାଯିବ। ଏହି ଯୋଜନା ଅନୁସାରେ, ସେ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ) ଏବଂ ରାସ୍ତା ନିର୍ମାଣ କମ୍ପାନୀଗୁଡ଼ିକୁ ପ୍ରତ୍ୟେକ ପ୍ରକଳ୍ପର ଭିଡିଓ ରିପୋର୍ଟ ଜନସାଧାରଣଙ୍କ ସହିତ ସେୟାର କରିବା ପାଇଁ ନିଜସ୍ୱ ୟୁଟ୍ୟୁବ ଚ୍ୟାନେଲ୍ ତିଆରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।




ଗଡ଼କରୀ ଘୋଷଣା କରିଛନ୍ତି ଯେ ଏବେ ପ୍ରତ୍ୟେକ ଜାତୀୟ ରାଜପଥରେ କ୍ୟୁଆର କୋଡ୍ ବୋର୍ଡ ଲଗାଯିବ। ଯେକୌଣସି ବ୍ୟକ୍ତି କୋଡ୍ ସ୍କାନ୍ କରି ଦେଖିପାରିବେ ଯେ କେଉଁ ଠିକାଦାର ରାସ୍ତା ନିର୍ମାଣ କରିଛନ୍ତି, କିଏ ଏହାକୁ ଡିଜାଇନ୍ କରିଛନ୍ତି ଏବଂ କେଉଁ ସରକାରୀ ଅଧିକାରୀ ରାସ୍ତାର ଦାୟିତ୍ୱରେ ଅଛନ୍ତି। ଗଡ଼କରୀ କହିଛନ୍ତି, 'ଯଦି ରାସ୍ତା ଖରାପ ଅଛି ଏବଂ ଲୋକମାନେ ସୋସିଆଲ ମିଡିଆରେ ଅଭିଯୋଗ କରୁଛନ୍ତି, ତେବେ ସେମାନେ ଜାଣିବା ଉଚିତ ଯେ କିଏ ଏଥିପାଇଁ ଦାୟୀ। ମୁଁ କାହିଁକି ଖାଲି ଗାଳି ଶୁଣିବି ? କ୍ୟୁଆର କୋଡ୍‌ରେ ସମସ୍ତ ସୂଚନା ରହିବ ଯାହା ଦ୍ୱାରା ଜନସାଧାରଣ ସିଧାସଳଖ ସଠିକ୍ ସ୍ଥାନରେ ପ୍ରଶ୍ନ ପଚାରିପାରିବେ।'

ଗଡ଼କରୀ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଯେତେବେଳେ ଲୋକମାନେ ଟୋଲ୍ ଟିକସ ଦେଉଛନ୍ତି, *(ଶେଷ ପୃଷ୍ଠା ଦେଖନ୍ତୁ)*

# ଯୁବକଙ୍କୁ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ଼

**ଡେରାବିଶ,୩୦।୧୦
ଏକ୍ସପ୍ରେସ୍ ନ୍ୟୁଜ୍**

ଡେରାବିଶ ଥାନା ଅନ୍ତର୍ଗତ ଚାଟରାଚକଡା ପଂଚାୟତ ଓଲଡି ଗ୍ରାମରେ ଜଣେ ଭଡାଟିଆ ଯୁବକଙ୍କ ପରିବାରକୁ ଗ୍ରାମବାସୀମାନେ ଆକ୍ରମଣ କରିଥିବା ନେଇ ବୁଧବାର ଥାନାରେ ପୀଡିତ ଯୁବକ ଅମରେନ୍ଦ୍ର ବାରିକ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଭଡାରେ ରହୁଥିବା ଅମରେନ୍ଦ୍ର ବିଭିନ୍ନ ଅନୈତିକ କାର୍ଯ୍ୟରେ ଲିପ୍ତ ରହି ଗ୍ରାମର ସାମାଜିକ ବ୍ୟବସ୍ଥାକୁ କଳଙ୍କିତ କରୁଥିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ଅବିନାଶ ନାୟକ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ତେବେ ଅବିନାଶଙ୍କ ଅଭିଯୋଗ ଅନୁଯାଇ ଥାନା ଅଧିନ ପଲେଇ ପଂଚାୟତ କନ୍ଦରପୁର ଗ୍ରାମର ଅମରେନ୍ଦ୍ର ଗତ କିଛିବର୍ଷ ହେବ ସପରିବାର ଓଲଡି ଗ୍ରାମର ହୃଷିକେଶ ମହଲାଙ୍କ ଘର ଭଡା ନେଇ ରହି ଆସୁଥିଲେ। ହେଲେ ଅମରେନ୍ଦ୍ର ବିଭିନ୍ନ ସମୟରେ ବିଭିନ୍ନ ଅନୈତିକ କାର୍ଯ୍ୟରେ ଲିପ୍ତ ରହିବା ସହ ବାହାରୁ ଝିଅ ବୋହୁମାନଙ୍କୁ ଆଣି କୁତ୍ସିତ କାର୍ଯ୍ୟ କରୁଥିଲେ ବୋଲି ଅଭିଯୋଗରେ ଅବିନାଶ ଦର୍ଶାଇଛନ୍ତି। ତେବେ ଗତ ମଙ୍ଗଳବାର ଅବିନାଶଙ୍କ ଘର ଆଗରେ କିଛି ଅପରିଚିତ ଲୋକମାନେ ବୁଲୁଥିବା ଦେଖି ସେମାନଙ୍କୁ ପଚାରିବାରୁ ସେମାନେ ଅମରେନ୍ଦ୍ରଙ୍କ ପାଖକୁ ଆସିଥିବା କହିଥିଲେ। ଏବିଷୟରେ ଅବିନାଶ ବାପା ଅମରେନ୍ଦ୍ରଙ୍କୁ ପଚାରିବାରୁ ସେ ଉପକ୍ଷିପ୍ତ ହୋଇ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମୋ କାର୍ଯ୍ୟରେ ବାଧା ଦେବାକୁ ତୁମେ କିଏ କହି ବିଭିନ୍ନ ଧମକ ଦେଇଥିଲା। ଅବିନାଶଙ୍କ ବାପା ଏସମ୍ପର୍କରେ ଗ୍ରାମବାସୀଙ୍କୁ ଜଣାଇବାରୁ ମୁରବୀମାନେ ଆଲୋଚନା କରି ଅମରେନ୍ଦ୍ର ଭଡା ଘର ଛାଡି ପଳାଇଯିବାକୁ 'ଫଇସଲା କରିଥିଲେ ଓ ଅମରେନ୍ଦ୍ର ଏହାକୁ ମାନି ନେଇଥିଲେ। ଏସମ୍ପର୍କରେ ଅମରେନ୍ଦ୍ର ଏକ କାଗଜରେ ଲିଖିତ ଆକାରରେ ନିଜର ସମ୍ମତି ପ୍ରଦାନ କରିଥିଲେ ମଧ୍ୟ ପରବର୍ତି ଅବସ୍ଥାରେ ଗ୍ରାମର ମୁରବୀମାନଙ୍କ ନାମରେ ଥାନାରେ ମିଥ୍ୟା ଅଭିଯୋଗ କରିଥିବା ନେଇ ଅବିନାଶ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଅପରପକ୍ଷେ ଭଡାରେ ରହୁଥିବା ଯୁବକ ଅମରେନ୍ଦ୍ର କରିଥିବା ଅଭିଯୋଗ ଅନୁଯାଇ ଗତ ମଙ୍ଗଳବାର ସକାଳ ୯ଘଟିକା ସମରେ ଓଲଡି ବଜାର କମିଟିର କର୍ମକର୍ତା ଓ ଗ୍ରାମର ପ୍ରାୟ ଶତାଧିକ ବ୍ୟକ୍ତି ସେ ରହୁଥିବା ଭଡା ଘରଭିତରି ଟାଣି ଆଣି ଏକ ଖୁଂଟରେ ବାନ୍ଧି ପକାଇ ନିସ୍ତୁକ ମାଡ ମାରିଥିଲେ। ଏସମ୍ପର୍କରେ ସେ ପଚାରିବାରୁ ଗ୍ରାମର ଝିଅକୁ ପ୍ରେତ ପଠାଇ କାହିଁକି ହଇରାଣ କରୁଛୁ ବୋଲି କହିଥିଲେ। ତେବେ ଅମରେନ୍ଦ୍ରଙ୍କୁ *(ଶେଷ ପୃଷ୍ଠା ଦେଖନ୍ତୁ)*

# ପ୍ରମାଣ ଅଭାବରୁ ହତ୍ୟା ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**କେନ୍ଦ୍ରାପଡ଼ା,୩୦।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ନିକିରାଇ ଥାନା ଅଞ୍ଚଳର ଜଣେ ଯୁବକଙ୍କୁ ଆକ୍ରମଣ କରାଯିବା ପରେ ତାଙ୍କର ମୃତ୍ୟୁ ଘଟିବା ମାମଲାର ବିଚାର କରି କେନ୍ଦ୍ରାପଡା ଅତିରିକ୍ତ ଜିଲ୍ଲାଜଜ୍ ଅଭିଯୁକ୍ତ ସୁନାକର ମଳିକଙ୍କୁ ସାକ୍ଷ୍ୟ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ନିକିରାଇ ଥାନା ଅଧିନସ୍ଥ ଧୂମାତ ମଠସାହି ଗ୍ରାମର ସନ୍ତୋଷ ମଲିକ ୨୦୧୮ମସିହା ଅଗଷ୍ଟମାସ ୨୭ତାରିଖରେ ସୁନାକରଙ୍କ ଘରେ ଚାଲିଥିବା ଏକ ଜନ୍ମଦିନ ଭୋଜିକୁ ଯାଇଥିଲେ। କୌଣସି କାରଣକୁ କେନ୍ଦ୍ର କରି ସୁନାକରଙ୍କ ସହ ସନ୍ତୋଷଙ୍କର ଯୁକ୍ତିତର୍କ ହୋଇଥିଲା। ଏହି ଯୁକ୍ତିତର୍କ କ୍ରମେ ଉଗ୍ର ରୂପ ନେବାରୁ ସୁନାକର ଏକ ବାଉଁଶ କୀଳାରେ ସନ୍ତୋଷଙ୍କ ପେଟକୁ ଭୁସି ଦେଇଥିଲେ। ଏହାଦ୍ୱାରା ସନ୍ତୋଷ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଯାଇଥିଲା। ସେଠାରେ ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ନଆସିବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ସନ୍ତୋଷଙ୍କର ୨୦୧୮ମସିହା ଅଗଷ୍ଟମାସ ୨୯ତାରିଖରେ ମୃତ୍ୟୁ ହୋଇଯାଇଥିଲା। ଏହି ଅଭିଯୋଗ ନେଇ ମୃତ ସନ୍ତୋଷଙ୍କ ମା' ଅନୁସୂୟା ମଲିକ ନିକିରାଇ ଥାନାରେ ଏତଲା *(ଶେଷ ପୃଷ୍ଠା ଦେଖନ୍ତୁ)*

# ଖଣି-ପାଣି: ହଜାର ହଜାର କୋଟି ରାଜସ୍ୱ ବାକି

**ଭୁବନେଶ୍ୱର,୩୦।୧୦: ତଥ୍ୟ**

ଖଣି ଓ ପାଣି ବାବଦ ଟିକସ ଏବଂ ଜରିମାନା ଅର୍ଥ ଠିକଣା ସମୟରେ ଆଦାୟ ହୋଇପାରୁନଥିବାରୁ ବିଭିନ୍ନ କଳକାରଖାନା ଓ ଖଣି ଲିଜ୍‌ଧାରୀମାନଙ୍କ ଉପରେ ରାଜ୍ୟ ସରକାରଙ୍କ ହଜାର ହଜାର କୋଟି ଟଙ୍କା ପଡ଼ି ରହିଛି। ଜଷ୍ଟିସ ଏମ୍.ବି ଶାହା କମିଶନଙ୍କ ରିପୋର୍ଟ ଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଏହି ଅର୍ଥ ଆଦାୟ ହୋଇପାରୁ ନାହିଁ। ଖିଲାପକାରୀଙ୍କ ଠାରୁ ଅର୍ଥ ଆଦାୟ ଲାଗି ସରକାରଙ୍କ ପକ୍ଷରୁ ସାର୍ଟିଫିକେଟ୍ କେଶ୍ କରି ଅପେକ୍ଷା କରାଯାଉଥିବାବେଳେ ଆଉ କେତେକ କ୍ଷେତ୍ରରେ କାରଖାନା କର୍ତ୍ତୃପକ୍ଷ ଓ ଖଣି ଲିଜ୍‌ଧାରୀମାନେ ଆଇନ୍ ଅଦାଲତରେ ସରକାରଙ୍କୁ କାଠଗଡ଼ାରେ ଛିଡ଼ା କରାଇ ଅର୍ଥ ପୈଠ କରିବା କ୍ଷେତ୍ରରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି।

ଏ ସଂକ୍ରାନ୍ତରେ ସୁପ୍ରିମକୋର୍ଟ ୨୦୧୭ ମସିହାରେ ଦେଇଥିବା ନିର୍ଦ୍ଦେଶ ମୁତାବକ ନିର୍ଦ୍ଧାରିତ ସୀମା ବାହାରେ ଓ ବିନା ପରିବେଶ ଅନୁମୋଦନରେ ଯେଉଁସବୁ ଖଣି ଉତ୍ତୋଳନ ହୋଇଛି ସେଠାରେ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଅର୍ଥ ଆଦାୟ କରାଯିବା କଥା। କିନ୍ତୁ ଏ କ୍ଷେତ୍ରରେ କେବଳ ସାର୍ଟିଫିକେଟ୍ କେଶ୍ କରି ସରକାର ବସି ପଡୁଥିବାରୁ ସୁପ୍ରିମକୋର୍ଟ ନିକଟରେ ଏ ସଂପର୍କରେ ପ୍ରତିକୂଳ ମନ୍ତବ୍ୟ ଦେବା ସହ ପରବର୍ତ୍ତୀ ଶୁଣାଣି ପାଇଁ ୮ ସପ୍ତାହ ସମୟ ଦେଇଛନ୍ତି।



ଏଠାରେ ଉଲ୍ଲେଖନୀୟ ଯେ ଖଣିଜ ସାମଗ୍ରୀର ବ୍ୟାପକ ଚୋରା କାରବାର ଘେନି ହେଉଥିବା ଅଭିଯୋଗର ତଦନ୍ତ ଲାଗି ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଏମ୍.ବି ଶାହାଙ୍କ ଅଧ୍ୟକ୍ଷତାରେ ଏକ କମିଶନ ବସାଯାଇଥିଲା। ଏହି କମିଶନ ତାଙ୍କ ରିପୋର୍ଟରେ ଖଣିଜ ସାମଗ୍ରୀର ବ୍ୟାପକ ବେଆଇନ୍ କାରବାର ସଂକ୍ରାନ୍ତରେ ଉଲ୍ଲେଖ କରିବା ସହିତ ପ୍ରାୟ ୬୫୦୦୦ କୋଟି ଟଙ୍କାର ଜରିମାନା ଆଦାୟ ଲାଗି ସୁପାରିସ କରିଥିଲେ। ରାଜ୍ୟ ସରକାର ଏ ସଂକ୍ରାନ୍ତରେ ନୋଟିସ ଜାରି କରିବା ପରେ ଅନେକ ସଂସ୍ଥା ଆଇନ୍ ଅଦାଲତର ଆଶ୍ରୟ ନେଇଥିଲେ। ଏହି ଅନାଦେୟ ଅର୍ଥ ଉପରେ ସୁଧର ପରିମାଣ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୩୧ ଅକ୍ଟୋବର ୨୦୨୫ । ଶୁକ୍ରବାର




## ବିଦ୍ୟୁତ ବିଭାଗର ମନମାନି, ଦିନ ତମାମ କଟାଯାଉଛି ବିଦ୍ୟୁତ

**ନିଆଳି: ଏକ୍ସପ୍ରେସ ନ୍ୟୁଜ୍**

ନିଆଳି ବିଦ୍ୟୁତ ବିଭାଗ ଅଧିକାରୀଙ୍କ ବିରୁଦ୍ଧରେ ଦିନକୁ ଦିନ ତେଜୁଛି ଜନ ଅସନ୍ତୋଷ। ବର୍ଷା ପବନ ତ ଦୂରର କଥା କିଛି ନ ଥାଇ ଦିନ ତମାମ କଟାଯାଉଛି ବିଦ୍ୟୁତ। ଯାହାକୁ ନେଇ ଅଞ୍ଚଳବାସୀଙ୍କ ମନରେ ତେଜୁଛି ଅସନ୍ତୋଷ। ନିଆଳି ବିଦ୍ୟୁତ ବିଭାଗ କାହା ନିର୍ଦ୍ଦେଶରେ ଚାଲୁଛି। ବିଦ୍ୟୁତ କଟିଲେ ବିଭାଗର ସମସ୍ତ ଅଧିକାରୀଙ୍କ ଫୋନ ସ୍ୱିଚ୍ ଅଫ ରହୁଛି। ଯାହାଫଳରେ ବହୁ ପ୍ରଭାବିତ ହେଉଛି ଜନଜୀବନ। ନିଆଳି ବିଦ୍ୟୁତ ବିଭାଗ ଅଧୀନରେ ନିଆଳି ସ୍ୱାସ୍ଥ୍ୟ କେନ୍ଦ୍ର, ରାଷ୍ଟ୍ରୀୟ ଓ ଘରୋଇ ବ୍ୟାଙ୍କ, ବ୍ଲକ, ତହସିଲ, ଉପନିର୍ବନ୍ଧକଙ୍କ କାର୍ଯ୍ୟାଳୟ, ପୋଷ୍ଟ, ବହୁ ଘରୋଇ ଓ ସରକାରୀ ଶିକ୍ଷାନୁଷ୍ଠାନ, ୧୪ରୁ ଊର୍ଦ୍ଧ୍ୱ ପଞ୍ଚାୟତ ଲୋକଙ୍କ ପିଇବା ପାଣି ଓ ଚାଷୀଙ୍କ ପାଇଁ କ୍ଷେତକୁ ଜଳ ସେଚନ ବିଦ୍ୟୁତ ପାଇଁ ହେଉଛି ପ୍ରଭାବିତ। ଏମିତିକି ଛୋଟରୁ ବଡ଼ ସମସ୍ତ ବ୍ୟବସାୟୀମାନଙ୍କର ବିଦ୍ୟୁତ ଯୋଗୁ ଲକ୍ଷାଧିକ ଟଙ୍କା କ୍ଷତି ସହିବାକୁ ପଡୁଛି। ନିଆଳି ବିଦ୍ୟୁତ ବିଭାଗ କର୍ମଚାରୀଙ୍କ ଉପରେ ଏକ ପ୍ରକାର ଜନ ଅସନ୍ତୋଷ ସୃଷ୍ଟି ହେଲାଣି। ବିଦ୍ୟୁତ ବିଭାଗର ଏସଡିଓ ଓ ଜେଇମାନେ ସାଧାରଣ ଲୋକଙ୍କ ବିଭିନ୍ନ ସମସ୍ୟା ସମାଧାନ କରିବାକୁ ହେଲେ ମୋଟା ଅଙ୍କର ପିସି ମାଗୁଥିବା ଅଭିଯୋଗ ଆଣୁଛନ୍ତି କେତେକ ସାଧାରଣ ଜନତା। ଏସବୁ ଭିତରେ ନିଆଳି ବିଦ୍ୟୁତ ବିଭାଗ ଆଗାମୀ ଦିନରେ ଯଦି ବିଦ୍ୟୁତ ଅହରହ କାଟନ୍ତି ଏକ ବିରାଟ ଜନ ଅସନ୍ତୋଷର ସାମ୍ନା କରିବେ ବୋଲି ଆଲୋଚନା ହେଉଛି।

## ଲକ୍ଷ୍ମୀପୁର ଗ୍ରାମରେ ବାଘ ଆତଙ୍କ: ଭୟରେ ଗ୍ରାମବାସୀ

**ବ୍ରହ୍ମପୁର: ଏକ୍ସପ୍ରେସ ନ୍ୟୁଜ୍**



ଜଙ୍ଗଲ ଛାଡି ଗ୍ରାମାଞ୍ଚଳ ମୁହାଁ ହୋଇଛି ବାଘ। ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀପୁର ଗ୍ରାମର ଋଷ ଜମିରେ ବାଘ ବୁଲୁଥିବା ନେଇ ଅଭିଯୋଗ ହୋଇଛି। ଗୁରୁବାର ସକାଳୁ ଗ୍ରାମର କିଛି ଲୋକ ମନ୍ଦିରରୁ ଫେରିବା ସମୟରେ ଋଷ ଜମିରେ ବାଘ ବୁଲୁଥିବା ଦେଖି ପ୍ରଥମେ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ପରେ ଛତ୍ରପୁର ବନ ବିଭାଗକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଛତ୍ରପୁର ଫରେଷ୍ଟ ଅଫିସର ବାବୁ ସେଠିଙ୍କ ସମେତ ବହୁ ବନ ବିଭାଗ କର୍ମଋରୀ ପହଞ୍ଚି ତଦନ୍ତ କରିବା ସହିତ ପାଦ ଚିହ୍ନ ଏବଂ ଲୋମ ଆଦି ସଂଗ୍ରହ କରିଛି। ଏହାସହ ପାଦ ଚିହ୍ନକୁ ମଧ ଏକ ସ୍କେଲ ଯୋଗେ ମପା ଯାଇଛି। ତେବେ ପ୍ରକୃତରେ ବାଘ ନା ଆଉ କିଛି ତାକୁ ନେଇ ତଦନ୍ତ ଜାରି ରଖାଯାଇଥିବା ଫେରେଷ୍ଟ ଅଫିସର ଶ୍ରୀ ସେଠି ସୂଚନା ଦେଇଛନ୍ତି। ଅନ୍ୟପଟେ ଗ୍ରାମରେ ୨ ଦିନ ଧରି ବାଘ ଆତଙ୍କ ଲାଗି ରହିଥିବା ବେଳେ ଗ୍ରାମର ଛେଳି, କୁକୁଡ଼ା ଆଦିକୁ ଖାଇ ଦେଉଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀମାନେ। ଉକ୍ତ ରାସ୍ତାଟି ମୁଖ୍ୟ ରାସ୍ତା ହୋଇଥିବାରୁ ଲୋକେ ରୀତିମତ ସେହି ରାସ୍ତା ଦେଇ ଯିବା ଆସିବା କରୁଛନ୍ତି। ଏଣୁ ଏହାର ତଦନ୍ତ କରି ବାଘକୁ ଘଉଡ଼ାଇବା ପାଇଁ ଦାବି ହୋଇଛି।

## ଚକଡା ପୋକ ଲାଗି ଏକର ଏକର ଧାନ ଚାଷ ନଷ୍ଟ, ଚିନ୍ତାରେ ଚାଷୀ

**କୁଚିଣ୍ଡା: ଏକ୍ସପ୍ରେସ ନ୍ୟୁଜ୍**



ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଅଞ୍ଚଳର ଚାଷ ଜମିରେ ଚକଡା ପୋକ ଲାଗି ଏକର ଏକର ଜମିରେ ଧାନ ନଷ୍ଟ ହୋଇଯାଇଛି। ଆଜି ସଇଡା, ପତ୍ରାପାଲି, କୁଣ୍ଡାପୋଷି, ସିଙ୍ଗଲପୋଷିର ଅନେକ ଚାଷୀମାନଙ୍କର ଜମିରେ ଚକଡା ପୋକ ଲାଗି ଏକର ଏକର ଧାନ ନଷ୍ଟ ହୋଇଯାଇଥିବା କୁଚିଣ୍ଡା ସହକାରୀ କୃଷି ଅଧିକାରୀ ସୁସ୍ମିତା କିରୋ ମ୍ୟାଡମଙ୍କୁ ଜଣେଇଥିଲେ। ଜାଣିବା ପରେ ସହକାରୀ କୃଷି ଅଧିକାରୀଙ୍କ ସହିତ ଗ୍ରାମ ସେବକ ମନୋଜ ବାଘ, କୃଷି ଉନ୍ନତ ସହଯୋଗି ଯୋଜନା ଅଧିନ ଅଧିକାରୀ ଆଦିତ୍ୟ ପ୍ରସାଦ ଦାଶ, ଭାଗ୍ୟଶ୍ରୀ ସ୍ୱାଇଁ, ରଜତ କୁମାର ବେହେରା ପ୍ରମୁଖ ଆସି କ୍ଷେତ୍ର ପରିଦର୍ଶନ କରିଥିଲେ। ଚାଷୀମାନଙ୍କ ସହିତ ଚାଷ ଜମିର ସମସ୍ତ ତଥ୍ୟ ଅନୁଧାନ କରି ସହକାରୀ କୃଷି ଅଧିକାରୀ କହିଥିଲେ ଯେ, ଏହି ହୋଇଥିବା କ୍ଷତି ବିଷୟରେ ରିପୋର୍ଟ ପ୍ରସ୍ତୁତ କରିବୁ ଏବଂ ଏକ ନିର୍ଦ୍ଦିଷ୍ଟ ଅନଲାଇନ ଆପ୍ଲିକେସନରେ ଚଢେଇବୁ ଓ ଆଗାମୀ ଦିନରେ ଯଦି ସରକାରଙ୍କ ତରଫରୁ ଯାହା ବି ସୁବିଧା ସୁଯୋଗ ରହିଛି। ତାହେଲେ ଚାଷୀମାନଙ୍କ ପାଇଁ ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ଚାଷୀମାନେ ଏକର ପ୍ରତି କୋଡିଏରୁ ୨୫ ହଜାର ଟଙ୍କା ଖର୍ଚ୍ଚ କରି ଚାଷ କରୁଥିବା ବେଳେ, ଏବେ ଜମିରେ ପାଣି ନ ଥିବା ଯୋଗୁଁ ଏହି ପୋକ ଲାଗିଥିବା ଅନୁମାନ କରାଯାଉଛି। ଆଉ କେତେ ଦିନ ପରେ ଫସଲ କାଟିବା ପାଇଁ ଚାଷୀ ଚିନ୍ତାରେ ଥିବାବେଳେ, ତା'ଆଗରୁ ଚକଡା ପୋକରେ ଧାନ ସବୁ ନଷ୍ଟ ହୋଇଯାଇଛି। ଏହି କାରଣରୁ ଚାଷୀମାନେ ଚିନ୍ତାରେ ରହିଥିବା କହିଥିଲେ। ସଇଡା, ପତ୍ରାପାଲି, କୁଣ୍ଡାପୋଷି, ସିଙ୍ଗଲପୋଷି ଆଖପାଖ ଅଞ୍ଚଳର ଚାଷ ଜମିରେ ଏହି ପୋକ ଲାଗିଥିବାର ଦେଖିବାକୁ ମିଳିଛି। ଚାଷୀ କହିବା ଅନୁସାରେ ସଠିକ କ୍ଷତି ପୂରଣ ନ ଦେଲେ ଚାଷୀ ଆତ୍ମହତ୍ୟା କରିବ ବୋଲି ଚେତାବନୀ ଦେଇଥିଲେ। ଏଥିରେ ବିଭୁତି ପୃଷ୍ଟେଠ, ନେତ୍ରାନନ୍ଦ ପୃଷ୍ଟେଠ, ଗୋବିନ୍ଦ ରାମ ପୃଷ୍ଟେଠ, ବିଷ ପୃଷ୍ଟେଠ, ଗୌରୀ ପୃଷ୍ଟେଠ, ଲାଲୁ ଶଙ୍କର ବାରିକ, ସବୁଜ ସେଠୀ, ବେଣୁଧର ପୃଷ୍ଟେଠ, ୧୦ ନମ୍ବର ୱାର୍ଡ କାଉନସିଲର ରାଜେଶ ସାହୁ, ତରଣି କାନ୍ତ ମିଶ୍ର, ଦୋଳଗୋବିନ୍ଦ ପୃଷ୍ଟେଠ, ସରୋଜ ସେନାପତି, ଅନିଲ ବେହେରା, ନରେଶ ସାହୁ, ଦୀପକ ବେହେରା, ଶୁଶିଲ ପୃଷ୍ଟେଠ, ଭରତ ପୃଷ୍ଟେଠ, ଦିଲ୍ଲିପ ପୃଷ୍ଟେଠ, ରୁପଧର ପୃଷ୍ଟେଠ, ଲଳିତ ମୋହନ ପୃଷ୍ଟେଠ ପ୍ରମୁଖ ଚାଷୀମାନେ ଉପସ୍ଥିତ ରହିଥିଲେ।

## ଦୁର୍ଘଟଣାରେ ଫାର୍ମାସିଷ୍ଟଙ୍କ ମୃତ୍ୟୁ

**କଳିଙ୍ଗନଗର: ଏକ୍ସପ୍ରେସ ନ୍ୟୁଜ୍**

ଯାଜପୁର ସୁକିନ୍ଦା ଅଞ୍ଚଳର ହନୁମାନ ଛକ ନିକଟରେ ଜାତୀୟ ରାଜପଥ ୫୩ ଉପରେ ଘଟିଥିବା ଏକ ଭୟାବହ ସଡ଼କ ଦୁର୍ଘଟଣାରେ ଜଣେ ଫାର୍ମାସିଷ୍ଟଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ହାତିବାରୀ ଗ୍ରାମର ସତ୍ୟନସୁ ନାୟକ ବୋଲି ଚିହ୍ନଟ ହୋଇଛି। ସେ ଓଏମସି ଡେକୋ କମ୍ପାନୀରେ ଏକ ଫାର୍ମାସିଷ୍ଟ ଭାବେ କାର୍ଯ୍ୟରତ ଥିଲେ। ବୃତ୍ତିକ କାମ ସାରି ନିଜ ବାସଗୃହ ହାତିବାରୀକୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି। ସ୍ଥାନୀୟ ସୂଚନା ଅନୁଯାୟୀ, ବାଇକ (ନମ୍ବର ଓଆର-୦୫ଏଜି-୬୧୬୪)ରେ ଯାଉଥିବା ସମୟରେ ଏକ ମାଲ ବୋଝେଇ ଟିପ ଟ୍ରଲର ହଠାତ୍ ବାଇକ ଉପରେ ଚଢ଼ିଯାଇଥିଲା, ଯାହା ଫଳରେ ସତ୍ୟନସୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ଘଟଣା ପରେ ସ୍ଥାନୀୟ ଲୋକ ଉତ୍ତେଜିତ ହୋଇ ଦୁର୍ଘଟଣାକାରୀ ଟ୍ରଲର ଏବଂ ଡ୍ରାଇଭରକୁ କାବୁକରି ସୁକିନ୍ଦା ଥାନା ପୋଲିସଙ୍କ ହାତକୁ ହସ୍ତାନ୍ତର କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣରେ ରଖି, ଉତ୍ତେଜିତ ଜନତାଙ୍କୁ ଶାନ୍ତ କରିବା ସହିତ ମୃତଦେହକୁ ଉଦ୍ଧାର କରି ପୋଷ୍ଟମର୍ଟମ ପାଇଁ ସୁକିନ୍ଦା ହସ୍ପିଟାଲକୁ ପଠାଇଛନ୍ତି।

## ସୋଆ ଆଇବିସିଏସ୍ ପକ୍ଷରୁ ମାନସିକ ସ୍ୱାସ୍ଥ୍ୟ ଓ ନିଶାମୁକ୍ତି ସମ୍ପର୍କିତ କର୍ମଶାଳା

**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**




ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍ଷ୍ଟିଚ୍ୟୁଟ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍) ପକ୍ଷରୁ ମାନସିକ ସ୍ୱାସ୍ଥ୍ୟକୁ ନେଇ ସୋମବାର ଏକ କର୍ମଶାଳା ଆୟୋଜିତ ହୋଇଯାଇଛି।

କର୍ମଶାଳାର ପ୍ରଥମ ପର୍ଯ୍ୟାୟରେ ନିଶାମୁକ୍ତି ଏବଂ ମାନସିକ ସ୍ୱାସ୍ଥ୍ୟ ସଚେତନତା ସମ୍ପର୍କିତ ଆଲୋଚନା କରାଯାଇଥିବା ବେଳେ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ ହସ୍ପିଟାଲ୍‌ର ମାନସିକ ରୋଗ ବିଭାଗର ମୁଖ୍ୟ ଡାକ୍ତର ସୁରଜିତ ସାହୁ ଏହି ସମସ୍ୟା ସହିତ ମୁକାବିଲା କରିବା ନେଇ ଆଲୋଚନା କରିଥିଲେ।

ସେହିପରି ମାନସିକ ରୋଗ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ହିରଣ୍ମୟ ମହାପାତ୍ର ମାନସିକ ଅସୁସ୍ଥତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଆଇବିସିଏସ୍‌ର ଡିନ୍ ପ୍ରଫେସର ଅୟସକାନ୍ତ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆସିଷ୍ଟାଣ୍ଟ ଡିନ୍ ପ୍ରଫେସର ମନୋରଞ୍ଜନ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ମାନସିକ ସ୍ୱାସ୍ଥ୍ୟ ସଚେତନତା ଏବଂ ଏହି ସମସ୍ୟାରୁ ମୁକୁଳିବାର ପନ୍ଥା ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଡକ୍ଟର ପ୍ରୀତି ୱାଇ ଷଡ଼ଙ୍ଗୀ ପରିଚାଳନା କରିଥିଲେ।

## ବିଡ଼ିଓଙ୍କ ମନମାନି, ମେଳିବାନ୍ଧିଲେ ଜନପ୍ରତିନିଧି

**ବୋଲଗଡ: ଏକ୍ସପ୍ରେସ ନ୍ୟୁଜ୍**

ବୋଲଗଡ ବ୍ଲକ ବିଡିଓ ସୁଶ୍ରୀ ସୁମନ ସୁଧା କୁଣ୍ଡୁ ନିର୍ବାଚିତ ଜନପ୍ରତିନିଧିଙ୍କୁ ଅଣଦେଖା କରି କାର୍ଯ୍ୟକ୍ରମ କରୁଥିବା ପ୍ରତିବାଦରେ ଜନପ୍ରତିନିଧିମାନେ ଗତ ବୁଧବାର ଅପରାହ୍ନରେ ବଡ଼କୁମାରୀ କଲ୍ୟାଣୀ ମଣ୍ଡପ ଠାରେ ଅଧକ୍ଷା ହୁଲ୍ଲାସ ପ୍ରଧାନଙ୍କ ନେତୃତ୍ୱରେ ମେଳି ବାନ୍ଧିଥିଲେ। ବିଡ଼ିଓଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ କରିବାକୁ ସ୍ଥିର କରାଯାଇଛି। ଏଥିପାଇଁ ୧୦ଜଣିଆ କମିଟି ଗଠନ କରାଯାଇଛି। ଏଥିରେ ୨ଜଣ ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ୍ତ ଛୋଟରାୟ, ସୁବାସ ଚନ୍ଦ୍ର ରାୟଗୁରୁ, ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ସରପଞ୍ଚ ସଂଘ ସଭାପତି ପ୍ରଦୀପ କୁମାର ବାରିକ, ସମିତି ସଭ୍ୟ ସଂଘ ସଭାପତି ବିଜୟ କୁମାର ସୁବୁଦ୍ଧି, ଅସରଳା ସରପଞ୍ଚ ଶୁଭଲକ୍ଷ୍ମୀ ସୁନ୍ଦରାୟ, ମାଣିବନ୍ଧ ସରପଞ୍ଚ ସୁନନ୍ଦା ବରାଳ, ସାନପଦର ସମିତିସଭ୍ୟ ଦିଲ୍ଲୀପ କୁମାର ମହାପାତ୍ର, ଫାସିଓଦା ସମିତିସଭ୍ୟ ପ୍ରଦୀପ କୁମାର ପ୍ରଧାନ, ପିଚୁକୁଳି ସରପଞ୍ଚ ଜୟନ୍ତୀ ପ୍ରଧାନ ପ୍ରମୁଖ କମିଟିରେ ଅଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରାସନ କାର୍ଡ ଯୋଗାଣ, ଗୋପବନ୍ଧୁ ଭତ୍ତା ଯୋଜନା, ବିକଶିତ ଗାଁ ବିକଶିତ ଓଡିଶା ଆଦି ଯୋଜନା ଗୁଡିକରେ ସରପଞ୍ଚ ଓ ସମିତିସଭ୍ୟମାନଙ୍କ ମତାମତ ଗ୍ରହଣ କରାଯାଉନାହିଁ ବୋଲି ଅଭିଯୋଗ କରିଛନ୍ତି। ଏପରିକି ବହୁ ଯୋଜନା ଜନପ୍ରତିନିଧିଙ୍କ ଅଜ୍ଞାତରେ କରାଯାଉଥିବା ଅଭିଯୋଗ ରହିଛି। ଏନେଇ ଶୁକ୍ରବାର ଜନପ୍ରତିନିଧିମାନେ ବିଡ଼ିଓଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିବାକୁ ସ୍ଥିରୀକୃତ ପରେ ଏନେଇ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି କମିଟିପକ୍ଷରୁ ସୂଚନା ଦିଆଯାଇଛି। ଅଧକ୍ଷା ଶ୍ରୀମତୀ ପ୍ରଧାନ ଏସମ୍ପର୍କରେ ଅଭିଯୋଗ କରିଥିଲେ ମଧ ବିଡିଓ କିଛି ଶୁଣୁ ନାହାନ୍ତି ବୋଲି ପ୍ରକାଶ କରିଛନ୍ତି।

## ଗାଡି ସଜାଡିବା ବେଳେ ଅଘଟଣ, ଲକ୍ଷ୍ମୀ ବସ୍ ଋଳକ ଗୁରୁତର


**ବୁଗୁଡା: ଏକ୍ସପ୍ରେସ ନ୍ୟୁଜ୍**

ବୁଗୁଡା ଅଞ୍ଚଳରେ ଚଳାଚଳ କରୁଥିବା ଲକ୍ଷ୍ମୀ ବସରେ ଥିବା ତ୍ରୁଟି ସଜାଡୁଥିବା ବେଳେ ଅଘଟଣ ଯୋଗୁଁ ଋଳକ ଗୁରୁତର ଅବସ୍ଥାରେ ପ୍ରଥମେ ବ୍ରହ୍ମପୁର ଏବଂ ପରେ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି। ଗୁରୁତର ବସ୍ ଋଳକ ଜଣକ ହେଲେ ବୁଗୁଡାର ଚନ୍ଦ୍ର ଶେଖର ପୋଲାଇ(୪୨)। ଘଟଣାରୁ ପ୍ରକାଶ ଯେ, ବୁଧବାର ସନ୍ଧ୍ୟାରେ ଲକ୍ଷ୍ମୀ ବସରେ ଥିବା ତ୍ରୁଟି ସୁଧାରିବା ପାଇଁ ଋଳକ ଚନ୍ଦ୍ର ଜାଗି ଲଗାଇ କାମ କରୁଥିବା ବେଳେ କୌଣସି କାରଣରୁ ଜାଗିଟି ଖସି ପଡିଥିଲା ଏବଂ ତାଙ୍କର ମୁଣ୍ଡରେ ଆଘାତ ଲାଗିଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ବୁଗୁଡା ମେଡିକାଲକୁ ନିଆଯାଇଥିଲା। ତେବେ ମେଡିକାଲରେ ଡାକ୍ତର ନରହି ଖାଇବା ପାଇଁ ଯିବାକୁ କହି ନିଜସ୍ୱ ଘରେ ଋଲୁଥିବା କ୍ଲିନିକରେ ରହିଥିଲେ। ଡାକରା ପାଇ ୨୦ ମିନିଟ ପରେ ମେଡିକାଲକୁ ଆସିଥିଲେ। ଡାକ୍ତର ଆହତଙ୍କୁ ପରୀକ୍ଷା ନିରୀକ୍ଷା କରି ପ୍ରେସ୍କ୍ରିପସନ ଲେଖି ବାହାରୁ କିଣିବା ପାଇଁ ପରାମର୍ଶ ଦେଇଥିଲେ। ଛଅ ଶହ ଟଙ୍କାର ଔଷଧ କିଣାଯିବା ପରେ ସେଥିରୁ ଇଞ୍ଜେକସନଟିଏ ଦେଇ ଘରକୁ ଯାଇ ବିଶ୍ରାମ ନେବାକୁ କହିଥିଲେ। ତେବେ ଶିରପୀଡ଼ା ହେବାରୁ ଆଉ ବୁଗୁଡା ଡାକ୍ତରଙ୍କୁ ଭରସା କରିନପାରି ଚନ୍ଦ୍ରଙ୍କ ପରିବାର ଲୋକେ ଘରକୁ ନଯାଇ ନିଜସ୍ୱ ବ୍ୟବସ୍ଥାରେ ବ୍ରହ୍ମପୁରକୁ ଯାଇ ମୁଣ୍ଡର ସ୍କାନିଂ କରିଥିଲେ ଏବଂ ଆଘାତ ଯୋଗୁଁ ଡାହାଣ ପଟ ମୁଣ୍ଡ ଖପୁରୀ ଟିକେ ଦବି ଯାଇଥିବା ଦେଖିବାକୁ ମିଳିଥିଲା। ଫଳରେ ଚନ୍ଦ୍ରଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ନିଆଯାଇଥିଲା। ସେଠାରେ ଡ଼ାକ୍ତର ସ୍କାନିଂ ରିପୋର୍ଟ ଏବଂ ବୁଗୁଡା ଡାକ୍ତରଙ୍କ ପ୍ରେସ୍କ୍ରିପସନ ଦେଖି ଚିହିଙ୍କି ଉଠି ବୁଗୁଡା ଡାକ୍ତରଙ୍କ ପ୍ରତି ବିରକ୍ତ ଭାବ ପ୍ରକାଶ କରିବା ସହ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଯୋଗେ କଟକ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ଲକ୍ଷ୍ମୀ ବସ୍ ଋଳକ ଚନ୍ଦ୍ର ଏବେ କଟକ ବଡମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ବୁଗୁଡା ମେଡିକାଲର ସମ୍ପୃକ୍ତ ବିବାଦୀୟ ଡାକ୍ତରଙ୍କୁ ନେଇ ସାଧାରଣରେ ସମାଲୋଚନା ଜୋର ଧରିଥିବା ବେଳେ ବୁଗୁଡା ଡାକ୍ତରଖାନାର ଅସଲ ଚେହେରା ପଦାରେ ପଡିଯାଇଥିବା ଜଣାପଡିଥିଲା।

## ବାଣିଜ୍ୟ

## ୪ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ମିଶ୍ରଣ, ୨ଟି ହେବ ଘରୋଇକରଣ

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**



ସରକାରୀ ବ୍ୟାଙ୍କ କ୍ଷେତ୍ରରେ ପୁଣି ଥରେ ବଡଧରଣର ମିଶ୍ରଣ ହେବାକୁ ଯାଉଛି। ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ ବ୍ୟାଙ୍କ ଅଫ୍ ଇଣ୍ଡିଆ ମଧ୍ୟରେ ମିଶ୍ରଣ କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ସେହିପରି ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ (ଆଇଓବି) ଓ ଇଣ୍ଡିଆନ୍ ବ୍ୟାଙ୍କ ମଧ୍ୟରେ ମଧ ମିଶ୍ରଣ ଘଟିବ। ଦେଶରେ ଏବେ ୧୨ଟି ରାଷ୍ଟ୍ରାୟତ୍ତ ସରକାରୀ ବ୍ୟାଙ୍କ ରହିଛି। ୟୁନିଅନ୍ ବ୍ୟାଙ୍କ ଓ ବ୍ୟାଙ୍କ ଅଫ୍ ଇଣ୍ଡିଆ ମଧ୍ୟରେ ମିଶ୍ରଣ ହେବା ପରେ ତାହା ଦେଶର ଦ୍ୱିତୀୟ ବଡ ବ୍ୟାଙ୍କ ହେବ। ବର୍ତ୍ତମାନ ଦେଶର ଦ୍ୱିତୀୟ ବଡ ସରକାରୀ ବ୍ୟାଙ୍କ ହେଉଛି ବ୍ୟାଙ୍କ ଅଫ୍ ବରୋଦା, ଯାହାର ସମ୍ପତ୍ତି ପରିମାଣ ୧୮.୬୨ ଲକ୍ଷ କୋଟି ଟଙ୍କା ରହିଛି। କିନ୍ତୁ ମୋଟ୍ ଉପରେ ଦେଖିଲେ ଷ୍ଟେଟ୍ ବ୍ୟାଙ୍କ ପ୍ରଥମ ସ୍ଥାନରେ ଥିବାବେଳେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଦ୍ୱିତୀୟ ଓ ଆଇସିଆଇସିଆଇ ବ୍ୟାଙ୍କ ତୃତୀୟ ସ୍ଥାନରେ ରହିଛି। ୟୁନିଅନ୍ ବ୍ୟାଙ୍କ ଓ ବ୍ୟାଙ୍କ ଅଫ୍ ଇଣ୍ଡିଆ ମିଶ୍ରଣରେ ଯେଉଁ ନୂଆ ବ୍ୟାଙ୍କ ଗଠନ ହେବ ତାହାର ମୋଟ୍ ସମ୍ପତ୍ତି ପରିମାଣ ୨୫.୬୭ ଲକ୍ଷ କୋଟି ଟଙ୍କା ହେବ।

ଚାରିଟି ସରକାରୀ ବ୍ୟାଙ୍କର ମିଶ୍ରଣ କରିବାକୁ ଯୋଜନା ରଖାଯାଇଥିବା ବେଳେ ଅନ୍ୟ ଦୁଇଟି ବ୍ୟାଙ୍କର ଘରୋଇକରଣ କରିବା ଉପରେ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ବିଚାର କରୁଛି। ପଞ୍ଜାବ ଆଣ୍ଡ୍ ସିନ୍ଧ ବ୍ୟାଙ୍କ ଓ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଘରୋଇକରଣ କରାଯିବ। ଛୋଟ ସରକାରୀ ବ୍ୟାଙ୍କଗୁଡିକ ବଡ ବ୍ୟାଙ୍କ ସହ ମିଶ୍ରଣ କରି ଦୃଢ ବ୍ୟାଙ୍କ ଗଠନ କରିବା ଉପରେ ସରକାର କାମ କରୁଛନ୍ତି। ସେହି ବ୍ୟାଙ୍କଗୁଡିକୁ ପରିଚାଳନା କରିବା ସହଜ ହେବ ଏବଂ ବିଶ୍ୱସ୍ତରରେ ସେମାନେ ଭଲ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ବୋଲି ଆଶା କରାଯାଉଛି।

ଅନ୍ୟ ଏକ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରକୁ ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା ଓ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସହ ମିଶ୍ରଣ କରିବା ବିକଳ୍ପ ଉପରେ ମଧ ସରକାର ବିଚାର କରୁଛନ୍ତି। ଏହା ପୂର୍ବରୁ ୨୦୧୭ରୁ ୨୦୨୦ ମଧ୍ୟରେ ୧୦ଟି ସରକାରୀ ବ୍ୟାଙ୍କର ମିଶ୍ରଣ ହୋଇଥିଲା। ଫଳରେ ସରକାରୀ ବ୍ୟାଙ୍କ ସଂଖ୍ୟା ୨୭ରୁ ହ୍ରାସ ପାଇ ୧୦ ହୋଇଯାଇଥିଲା। ସେହି ସମୟରେ ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ ସହ ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ ଓ ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ମିଶ୍ରଣ କରାଯାଇଥିଲା। କାନାରା ବ୍ୟାଙ୍କ ସହ ସିଣ୍ଡିକେଟ୍ ବ୍ୟାଙ୍କ ମିଶିଯାଇଥିଲା।

## ଫିକା ପଡ଼ିଲା ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ହିନ୍ଦୋଳ: ଏକ୍ସପ୍ରେସ ନ୍ୟୁଜ୍**




ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନଏସି ସ୍ଥିତ ହିନ୍ଦୋଳ ହାଇସ୍କୁଲରେ ଗୁରୁବାର ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହିନ୍ଦୋଳ ବ୍ଲକ ଶିକ୍ଷାଅଧିକାରୀଙ୍କ ସଭାପତିତ୍ୱରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା। ଗୋଷ୍ଠୀ ସାଧନ ସଂଯୋଜକଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ କ୍ଲଷ୍ଟରସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏନ୍‌ଏସି ଅଧକ୍ଷ କେଶବ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିବା ବେଳେ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ବେହେରା ମୁଖ୍ୟବକ୍ତା ସ୍ଥାନୀୟ କାଉନସିଲର ରୁଦ୍ର ନାରାୟଣ ପ୍ରସାଦ ଦାସ ଓ ଛାତ୍ର ଅଭିଭାବକ କମିଟିର ସଭାପତି ଶେଷଦେବ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଯୋଗଦେବାରେ କାର୍ଯ୍ୟକ୍ରମ ରହିଥିବା ବେଳେ ଶେଷ ସମୟ ସୁଦ୍ଧା ସେ ଆସି ନଥିବା ଜଣାପଡିଥିଲା। ବିଡ଼ିଓ ସୌରଭ କଲ୍ୟାଣ ଦାସ ବ୍ଲକ ଉପାଧାକ୍ଷ ବରୁଣ ସରଙ୍କୁ ସମ୍ମାନିତ ଅତିଥି ଭାବେ ନିମନ୍ତ୍ରଣ କରାଯାଇ ଥିବାବେଳେ ସେମାନେ ମଧ ଅନୁପସ୍ଥିତ ରହିଥିଲେ। ଉପଜିଲ୍ଲାପାଳ ପ୍ରଭାସ କୁମାର ବେହୁରା ମୁଖ୍ୟଅତିଥି ପଦ ଅଳଙ୍କୃତ କରି ଥିଲେ। ଉପଖଣ୍ଡର ସମସ୍ତ ପଦସ୍ଥ ଅଧିକାରୀ ଓ ରାଜ ନେତାମାନଙ୍କୁ ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ କାର୍ଯ୍ୟକ୍ରମକୁ ନିମନ୍ତ୍ରଣ କରାଯାଇ ଥିବା ବେଳେ ବ୍ଲକ ଶିକ୍ଷା ଅଧିକାରୀ କିଭଳି ବ୍ଲକ ଅଧକ୍ଷାଙ୍କୁ କାର୍ଯ୍ୟକ୍ରମକୁ ନିମନ୍ତ୍ରଣ କରିବାକୁ ଭୁଲି ଗଲେ ସାଧାରଣରେ ଆଲୋଚନା ହୋଇଥିଲା। ଏଠାରେ ଲୋକ ଦେଖାଣିଆ ଭାବେ ସରକାରୀସ୍ତରରେ କେବଳ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ନେଇ ସାଧାରଣରେ ସମାଲୋଚନା କରାଯାଉ ଥିବା ଶୁଣା ଯାଇଥିଲା। ନିର୍ଦ୍ଦିଷ୍ଟ ସମୟରେ କାର୍ଯ୍ୟକ୍ରମ ଆରମ୍ଭ ହୋଇ ନଥିବାରୁ ସଂଧ୍ୟା ୫ଟା ସୁଦ୍ଧା ଏହା ସମାପ୍ତ ହୋଇ ପାରି ନଥିବା ଦେଖା ଦେଇ ଥିଲା।

## ଆମ୍ବଳିଅଠା-ସୋଲପଟା ଆନ୍ତଃରାଜ୍ୟ ସୀମାନ୍ତରେ ବ୍ୟାପକ ଚାନ୍ଦା ଆଦାୟ

**ଜଳେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**



ତନଖି ଫାଟକ ଥିବାବେଳେ ଓଡ଼ିଶା-ପଶ୍ଚମବଙ୍ଗ ସୀମାବର୍ତ୍ତୀ ସଡକରେ ପରିବହନ ଓ ସେଲ ଟେକ୍ସ ବିଭାଗ ଦ୍ୱାରା ଗେଟ୍ ବସାଇ ଯାନ ଗୁଡ଼ିକ ଯାଞ୍ଚ ହୋଇ ଟିକସ ଓ ଜୋରିମାନା ଆଦାୟ ହେଉଥିଲା। ୨୦୧୭ ମସିହାରେ ଜିଏସଟି ଲାଗିବା ପରେ ଚେକ୍ ଗେଟ୍ ଉଚ୍ଛେଦ ସହିତ ଯାନ ଗୁଡ଼ିକ ସିଧାସଳଖ ଯିବାର ବ୍ୟବସ୍ଥା ରହିଛି। କିନ୍ତୁ ୫୭ ନଂ ରାଜ୍ୟ ରାଜପଥରୁ ଆମ୍ବଳିଅଠା- ସୋଲପଟା ସଂଯୋଗ ସଡକରେ ଦିନ ରାତ୍ର ପାଳି କରି ଚାନ୍ଦା ଆଦାୟ ହେଉଛି। ଏହି ଓଟି ସଡକରେ, କାଶିଡିହା, ବେଲି ଗୋପୀନାଥପୁର ଠାରେ ଯୁବକମାନେ ସଂଘବଦ୍ଧ ହୋଇ ଲମ୍ବରେ ଗାଡ଼ି ଛିଡ଼ା କରାଇ ସମସ୍ତ ଗାଡ଼ିରୁ ନିର୍ଭୟରେ ଚାନ୍ଦା ଉଠାଉଛନ୍ତି। ଦୀର୍ଘ ବର୍ଷଧରି ଏହି ବେଆଇନ୍ କାର୍ଯ୍ୟ ଚାଲୁଥିବା ବେଳେ ବହୁ ଯୁବକ ଏଥିରେ ସମ୍ପୃକ୍ତ ହୋଇ ଜେଲ୍ ଯିବା ପରେ ବେଲ୍‌ରେ ଆସି ପୁଣି ସେହି କାର୍ଯ୍ୟରେ ଲିପ୍ତ ରହିଛନ୍ତି। ଏହି ଆନ୍ତଃରାଜ୍ୟ ସମ୍ବେଦନଶୀଳ ସଡ଼କରେ ବ୍ୟାପକ ମାତ୍ରାରେ ଚୋରା କାଠ, ଗୋରୁ ମାଂସ, ଗୋରୁ ଭର୍ତ୍ତି ଗାଡ଼ି, ନିଶା ସାମଗ୍ରୀ ଓ ଅନ୍ୟାନ୍ୟ ଗୁପ୍ତ ଯାନ ଯାଉଥିବାରୁ ଜବରଦସ୍ତ ଚାନ୍ଦା ଆଦାୟ ସହଜ ହେଉଛି। ଏହି ଯୁବକମାନେ ସନ୍ନିକଟ ଗ୍ରାମର କେତେକ ପ୍ରଭାବଶାଳୀ ଲୋକେଙ୍କୁ ହାତକରି ଏଭଳି ବେଆଇନ୍ ଚାନ୍ଦା ଆଦାୟକୁ ସାହାସର ସହିତ କରୁଛନ୍ତି। ବିଶେଷ କରି ଏହି ରାସ୍ତାରେ ଗୋଟିଏ ରାତ୍ରିରେ ପ୍ରାୟ ୧ଶହ ଓଭର ଲୋଡ୍ ବାଲି ଡମ୍ପର ପଶ୍ଚିମବଙ୍ଗକୁ ଚୋରା ଚାଲାଣ ହେଉଛି। ବଙ୍ଗଳା ସରକାର ଆଳୁ ରପ୍ତାନି ଉପରେ ନିୟନ୍ତ୍ରଣ ରଖିଥିବା ବେଳେ, ଜଳେଶ୍ୱର ପ୍ରଶାସନ ପକ୍ଷରୁ ଓଡ଼ିଶାର ଖଣିଜ ଦ୍ରବ୍ୟ ବେଆଇନ ଚୋରା ଚାଲାଣ ଉପରେ ଅଙ୍କୁଶ ନାହିଁ। ଫଳରେ ସେମାନେ ସରକାରୀ କର୍ମଚାରୀ ପରିଚୟ ଦେଇ ସମସ୍ତ ଯାନରୁ ମୋଟ୍ ଅଙ୍କର ଅର୍ଥ ଆଦାୟ ସହିତ ସୀମାନ୍ତ ଅଞ୍ଚଳକୁ ବଦନାମ୍ କରୁଛନ୍ତି।

## ସିନେମାଫିନେମା ଟିଭିଫିବି

## ମହିଳାଙ୍କ ଭିତରେ ବୟସ ବୃଦ୍ଧିକୁ ନେଇ ଭୟ ରହିବା ଉଚିତ୍ ନୁହେଁ

**ମୁମ୍ବାଇ: ଏକ୍ସପ୍ରେସ ନ୍ୟୁଜ୍**



ବଲିଉଡ୍ ଓ ସାଉଥ୍ ଇଣ୍ଡଷ୍ଟ୍ରିର ଜଣାଶୁଣା ଅଭିନେତ୍ରୀ ତମନ୍ନା ଭାଟିଆ। ତାଙ୍କର ଦମ୍‌ଦାର ଅଭିନୟ, ଚମତ୍କାର ନୃତ୍ୟ ପ୍ରଦର୍ଶନ ଓ ସୌନ୍ଦର୍ଯ୍ୟ ଦର୍ଶକଙ୍କୁ ପାଗଳ କରିଛି। ଆଉ ଏହାରି ମଧରେ ଏକ ଗଣମାଧମ ସହ ବାର୍ତ୍ତାଳାପରେ ଅଭିନେତ୍ରୀମାନଙ୍କର ବୟସକୁ ନେଇ ହେଉଥିବା ଚର୍ଚ୍ଚା ବିଷୟରେ ସେ ଖୋଲା କଥା ହୋଇଛନ୍ତି। ସେ କହିଛନ୍ତି, ବୟସ ବୃଦ୍ଧିକୁ ନେଇ ଭୟ କରିବା ଆଦୌ ଉଚିତ୍ ନୁହେଁ। ଇଣ୍ଡଷ୍ଟ୍ରିକୁ ଆସିବା ପୂର୍ବରୁ ସେ ନିଜର ୧୦ ବର୍ଷର ଯୋଜନା କରିସାରିଥିଲେ। ଏଥିରେ କ୍ୟାରିଅର୍ ସହିତ ବିବାହ ଓ ସନ୍ତାନ ବି ସାମିଲ ଥିଲେ। କିନ୍ତୁଗତ କିଛି ବର୍ଷରେ ମହିଳାଙ୍କୁ ନେଇ ଇଣ୍ଡଷ୍ଟ୍ରିର ଚିନ୍ତାଧାରା ବଦଳିଛି। ଏବେ ବୟସ ୩୦ ଟପିବା ପରେ ବି ଅଭିନେତ୍ରୀଙ୍କୁ ଭଲ ଓପରିପକ୍ୱ ଭୂମିକା ମିଳୁଛି। ସେଥିପାଇଁ ମହିଳାଙ୍କ ଭିତରେ ବୟସ ବୃଦ୍ଧିକୁ ନେଇ ଭୟ ରହିବା ଉଚିତ୍ ନୁହେଁ।

ତମନ୍ନା କହନ୍ତି, କାମ କରିବା ସମୟରେ ବୟସବୃଦ୍ଧି ସହିତ ସେ ନିଜକୁ ଚିହ୍ନିଲେ। ଇତି ମଧ୍ୟରେ ଇଣ୍ଡଷ୍ଟ୍ରି ବି ମହିଳାଙ୍କୁ ଆକର୍ଷଣୀୟ ଭୂମିକା ଅଫର୍ ଦେବାକୁ ଲାଗିଲେ। ତାଙ୍କ ମତରେ, ଏହି ପରିବର୍ତ୍ତନ କେବଳ ଦେଶରେ ନୁହେଁ, ବିଶ୍ୱରେ ହୋଇଛି। କିନ୍ତୁ ଅନେକ ବୟସ ବୃଦ୍ଧିକୁ ଏକ ରୋଗ ଭଳି ଆଲୋଚନା କରୁଛନ୍ତି, ଯାହା ଆଦୌ ଉଚିତ୍ ନୁହେଁ। ତମନ୍ନା ଖୁବ୍‌ଶୀଘ୍ର ବିଶାଲ ଭରଦ୍ୱାଜଙ୍କ ଆକ୍ସନ୍-ଥ୍ରିଲର ଫିଲ୍ମରେ ଆସିବେ। ଏଥିରେ ତାଙ୍କ ସହ ଶାହିଦ କପୁର ଓ ତୃପ୍ତି ଡିମରୀ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଏଥିସହ ତମନ୍ନାଙ୍କ ପାଖରେ ଅନେକ ପ୍ରୋଜେକ୍ଟ ଅଛି। 'ନୋ ଏଣ୍ଟ୍ରି-୨'ରେ ତାଙ୍କୁ କାଷ୍ଟ୍ କରାଯାଇଥିବା ମଧ ଚର୍ଚ୍ଚା ହେଉଛି। କିନ୍ତୁ ଏ ନେଇ କୌଣସି ଔପଚାରିକ ସୂଚନା ମିଳିନାହିଁ।

# ଏନଏସିର ଟ୍ୟାକ୍ସ ନେବାରେ କୋହଳ ନାହିଁ, ଅଳିଆ ସଫାରେ କୁଣ୍ଠା କାହିଁକି?



**୩୦।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ପୌରାଞ୍ଚଳରେ କୌଣସି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଲେ ପ୍ରଥମେ ଏନଏସିର ଅନୁମତି ନେବାକୁ ପଡେ । କାର୍ଯ୍ୟକୁ ଦେଖି ଏନଏସି ଟ୍ୟାକ୍ସ ନିର୍ଦ୍ଧାରଣ ମଧ୍ୟ କରିଥାଏ । ତେବେ ଏହି ଟ୍ୟାକ୍ସ କେବଳ ପରିମଳ ତଥା ଅଳିଆ ସଫା ପାଇଁ ଏନଏସି ନେଇଥାଏ ବୋଲି କାଗଜପତ୍ରରେ ଉଲ୍ଲେଖ କରାଯାଉଥିବା ବେଳେ ପ୍ରକୃତପକ୍ଷେ ତାହା କାର୍ଯ୍ୟକାରୀ କରାଯାଉନି ଏବଂ ଟ୍ୟାକ୍ସ ନେବା ସମୟରେ ଏନଏସି ସାମାନ୍ୟତମ କୋହଳ ମନୋଭାବ ଦର୍ଶାଉ ନଥିବା ବେଳେ ଅଳିଆ ସଫା ବେଳକୁ କୁଣ୍ଠିତ ହେଉଛି ବୋଲି ଅଭିଯୋଗ ହୋଇଛି । ଖବର ମୁତାବକ ସ୍ଥାନୀୟ ଶହୀଦ ସ୍ମୃତି ସଂସଦ ପଡ଼ିଆରେ ମା'ତାରିଣୀ ଏଣ୍ଟରପ୍ରାଇଜେସ, ଜଗତସିଂହପୁର ପକ୍ଷରୁ ଗତ ସେପ୍ଟେମ୍ବର ୧୨ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ମିନାବଜାର ଅନୁଷ୍ଠିତ ହୋଇଥିଲା । ଏହି ୧୧ଦିନର କାର୍ଯ୍ୟକ୍ରମ ପାଇଁ ଏନଏସି ପକ୍ଷରୁ ରସିଦ ନଂ ୨୨୦୨୯/୧୨.୦୯.୨୫ ମୁତାବକ ୨୦ ହଜାର ୯ ଶହ ଟଙ୍କା ମିନବଜାର ମାଲିକ ସନ୍ତୋଷ କୁମାର ଦାସଙ୍କ ଠାରୁ ଗ୍ରହଣ କରାଯିବା ପରେ ମିନାବଜାର ପାଇଁ ତାଙ୍କୁ ଅନୁମତି ପତ୍ର ପ୍ରଦାନ କରାଯାଇଥିଲା । ଏଠାରେ ପ୍ରକାଶ ଥାଉକି ଶହୀଦ ସ୍ମୃତି ସଂସଦର ନିଜସ୍ୱ ପଡ଼ିଆରେ ଏହି ମିନାବଜାର ଚାଲିବା ପାଇଁ ଭଡ଼ା ବାବଦକୁ ସଂସଦ ମାତ୍ର ୧୦ହଜାର ଟଙ୍କା ପାଇଥିବା ବେଳେ ଏନଏସି ପରିମଳ ପାଇଁ ୨୦ହଜାର ୯ଶହ ଟଙ୍କା ଆଦାୟ କରିଥିଲା । ମିନାବଜାର ଚାଲିଯିବା ପରେ ପଡ଼ିଆ ସଫାସୁତୁରା କରିବା ପାଇଁ ସଂସଦ କର୍ତ୍ତୃପକ୍ଷ ଅନେକ ଥର ଏନଏସିକୁ ଜଣାଇବା ପରେ ମଧ ଏନଏସି ଅଧିକାରୀ ଖାମଖିଆଲି ମନୋଭାବ ନେଇ ଆଦୌ ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି । ସେହିଭଳି ଗତ ଦୀପାବଳି ସମୟରେ ସଂସଦ ପଡ଼ିଆରେ ବାଣ ବିକ୍ରି କରିବାପାଇଁ ଏନଏସି ପକ୍ଷରୁ ୧୧ଜଣ ବ୍ୟବସାୟୀଙ୍କ ଠାରୁ ୫ଶହ ଟଙ୍କା ହିସାବରେ ୫ହଜାର ୫ଶହ ଟଙ୍କା ଟ୍ୟାକ୍ସ ଆଦାୟ କରାଯାଇଥିଲା । ବାଣ ବେପାର ଆଜିକୁ ୧୦ଦିନ ଏବଂ ମିନବଜାର ଆଜିକୁ ୪୦ଦିନରୁ ଉର୍ଦ୍ଧ୍ୱ ସମୟ ବିତିଯାଇ ଥିଲେ ସୁଦ୍ଧା ଏନଏସି କର୍ତ୍ତୃପକ୍ଷଙ୍କର ଏଥିପ୍ରତି ଟିକେ ମାତ୍ର ଦୃଷ୍ଟି ପଡୁନି । ପରିସରର ଚାରିଆଡେ କୁଡ଼କୁଡ଼ ଅଳିଆ, ଅଇଁଠାପତ୍ର ଗଦାହୋଇ ରହିଛି । ଯୁଆଡେ ଆଖି ବୁଲାଇଲେ କେବଳ ଅଳିଆ ଆଉ ଅଳିଆ । ତା' ସାଙ୍ଗକୁ ବର୍ଷା ମଧ ନିୟମିତ ଚାଲିଛି । ବର୍ଷାଜଳ ସହିତ ଅଳିଆ ମିଶି ଅସ୍ୱାଭାବିକ ପରିବେଶ ସୃଷ୍ଟି ହୋଇଛି । ଉକ୍ତ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ଆଜିର ରାଶିଫଳ

| ତାରିଖ | ଶୁକ୍ରବାର– ନବମୀ |
|---|---|
| ୩୧.୧୦.୨୦୨୫ | ନକ୍ଷତ୍ର– ଧନିଷ୍ଠା, ମକରଚନ୍ଦ୍ର |



| | |
|---|---|
| ମେଷ | : ସୁଖଶାନ୍ତିରେ ଦିନଟି କଟିବ । |
| ବୃଷ | : ଅପରବ୍ୟକ୍ତିଙ୍କ ସାହାଯ୍ୟ ପାଇବେ । |
| ମିଥୁନ | : ଦୁର୍ଘଟଣା ଭୟ ରହିଛି । |
| କର୍କଟ | : ବକେୟା ପଡ଼ିଥିବା ଅର୍ଥ ପ୍ରାପ୍ତ ହେବ । |
| ସିଂହ | : ସମ୍ମାନିତ ହେବେ । |
| କନ୍ୟା | : ଅପବାଦର ଭୟ ରହିଛି । |
| ତୁଳା | : ଗୁରୁଜନ ଆପଣଙ୍କ ଉପରେ ଅସହିଷ୍ଣୁ ହେବେ । |
| ବିଛା | : ଧନ ପ୍ରାପ୍ତି ଯୋଗ ରହିଛି । |
| ଧନୁ | : ଅଯଥା ଖର୍ଚ୍ଚାନ୍ତରେ ପଡ଼ିବେ । |
| ମକର | : ଦ୍ରବ୍ୟଲାଭ ଯୋଗ ରହିଛି । |
| କୁମ୍ଭ | : ଅଯଥା ବ୍ୟୟ କରିବେ । |
| ମୀନ | : ଭଲ କାମ କରି ଖୁସି ପାଇବେ । |

# କେନ୍ଦ୍ରାପାଟି ପଞ୍ଚାୟତରେ ପୋଖରୀ ଖୋଳାରେ ଦୁର୍ନୀତି

**ଅସ୍ତରଙ୍ଗ, ୩୦।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ କେନ୍ଦ୍ରାପାଟି ପଞ୍ଚାୟତରେ ଦୁଇଟି ପୋଖରୀ ଖୋଳାରେ ବ୍ୟାପକ ଦୁର୍ନୀତି ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

ସୂଚନାଯୋଗ୍ୟ କି କଣ୍ଟାପଡା ଶ୍ମଶାନ ପୋଖରୀ ଓ ମା' ଜାଗୁଳାଇ ପୋଖରୀକୁ ଜେସିବି ଲଗାଇ ଖୋଳି ମହାତ୍ମା ଗାନ୍ଧି ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ବାହାର ଗ୍ରାମର ଲୋକଙ୍କ ନାମରେ ମଜୁରୀ ପକାଇ ମିଥ୍ୟା ବିଲ୍ କରାଯାଇ ଥିବା କଣ୍ଟାପଡା ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଗ୍ରାମବାସୀ ଦର୍ଶାଇଛନ୍ତି କି ଜାଗୁଳାଇ ପୋଖରୀକୁ ୮ ଘଣ୍ଟା ଜେସିବି ଲଗାଇ ପୋଖରୀ ଖୋଳାଯାଇଉଥିବା ଅଭିଯୋଗ ହୋଇଛି । ଯାହା ବ୍ଲକ୍ କନିଷ୍ଠ ଯନ୍ତ୍ରୀ ରଶ୍ମିରେଖା ସାହୁଙ୍କ ନାମରେ ଦୁଇଟି ପୋଖରୀର କାର୍ଯ୍ୟାଦେଶ ଅଛି । କିଭଳି ଭାବେ ଗ୍ରାମ ଠାରୁ ୨ କିମି ଦୂର ଜୀୟୁନ୍ତି ଗ୍ରାମର ପ୍ରାୟ ଏକ ଶହ ଲୋକଙ୍କୁ ୭ ଦିନ କାମରେ ଲଗାଇ ମୋଟ ୩୧୫୦ ଟଙ୍କା ମଜୁରୀ ଦର୍ଶାଇ ମିଥ୍ୟା ବିଲ୍ କରି ୫, ୫୦, ୦୦୦ ହଜାର ଟଙ୍କା ହଡପ ହୋଇଥିବା ଗ୍ରାମବାସୀ ଲିଖିତ ଅଭିଯୋଗ କରିଛନ୍ତି । ପୁନଶ୍ଚ ସେହି କଣ୍ଟାପଡା ଗ୍ରାମର ଶ୍ମଶାନ ପୋଖରୀକୁ ଜେସିବି ଲଗାଇ ୧୦୦୦ ହଜାର ଟ୍ରିପ୍ ମାଟି ପ୍ରତି ଟ୍ରିପ୍ ୩୦୦ ହିସାବରେ ପ୍ରାୟ ୩ ଲକ୍ଷ ଟଙ୍କା ଆଦାୟ କରିବା ସହିତ ବିଜିପୁର (ନାମାରୋ) ଗ୍ରାମର ଶତାଧିକ ଲୋକଙ୍କ ନାମରେ ମିଥ୍ୟା ବିଲ୍ ହୋଇଥିବା ଅସ୍ତରଙ୍ଗ ବ୍ଲକ୍ ଆରଟିଆଇ ଆବାହକ ସୁବୋଧ କୁମାର ମହାନ୍ତି ଆରଟିଆଇ ତଥ୍ୟ ଆଧାରରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି ।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେଉଁ ପାଖ ଗ୍ରାମ ଜୀୟୁନ୍ତି ଗ୍ରାମର ଜବ କାର୍ଡ ଧାରୀ ଅଶ୍ୱିନୀ ରାଉତ ଓ ଅନ୍ୟ ଲୋକମାନଙ୍କ ନାମରେ ମାଷ୍ଟର ରୋଲରେ ନାମ ଅଛି ସେମାନେ ଏହି କାର୍ଯ୍ୟ କରିନାହାନ୍ତି କିମ୍ବା ଜାଣି ବି ନାହାନ୍ତି ଯଦି କେହି ତାଙ୍କ ନାମକୁ ଅପବ୍ୟବହାର କରି ଏଭଳି ଅପରାଧିକ କାର୍ଯ୍ୟ କରିଛନ୍ତି ସେମାନେ ଏଥି ପ୍ରତି ଦାୟୀ ନୁହନ୍ତି ବୋଲି ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଏଠାରେ କିଭଳି ଭାବେ ଏହି ପରି ଦୁର୍ନୀତି କିପରି କରାଗଲା ସ୍ଥାନୀୟ ପ୍ରଶାସନ ଜାଣିପାରିଲା ନାହିଁ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି । ଏ ସମ୍ପର୍କରେ ଜିଲ୍ଲାପାଳ ଏହି ଘଟଣା ଉପରେ ଦୃଷ୍ଟି ଦେଇ ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଟଙ୍କା ଫେରସ୍ତ ଆଣିବା ପାଇଁ ଶ୍ରୀ ମହାନ୍ତି ନିବେଦନ କରିଛନ୍ତି ।

## ଗଞ୍ଜେଇ ଜବତ

**ଜଗତସିଂହପୁର : ଏକ୍ସପ୍ରେସ୍ ନ୍ୟୁଜ୍**

ଅବକାରୀ କମିଶନର ପି ଅନ୍ୱେଷା ରେଡ୍ଡି ଓ ଜିଲ୍ଲାପାଳ ଜେ. ସୋନାଲଙ୍କ ନିର୍ଦ୍ଦେଶରେ ଜଗତସିଂହପୁର ଜିଲ୍ଲା ଅବକାରୀ ଅଧୀକ୍ଷିକା ଅନିତା ପ୍ରଧାନଙ୍କ ତତ୍ତ୍ୱାବଧାନରେ ସବ୍‌ଇନ୍ସପେକ୍ଟର ସ୍ମିତା ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ୍ ବୁଧବାର ଦିନ ଜଗତସିଂହପୁର ଜିଲ୍ଲା କ୍ରିଷ୍ଣାନନ୍ଦପୁର ଥାନା ଅନ୍ତର୍ଗତ ପୋଷଲ ଗ୍ରାମରେ ଚଢାଉ କରି ୬ କେଜି ୫୯୦ ଗ୍ରାମର ଗଞ୍ଜେଇ ଜବତ କରିଛି ଯାହାର କଳାବଜାରୀ ମୂଲ୍ୟ ପ୍ରାୟ ୬୫୯୦୦ ଟଙ୍କା । ଏହି ସନ୍ଦର୍ଭରେ ରିତେଶ କୁମାର ଦାସ ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତ ଜଣକ ପୋଷଲ ଗ୍ରାମର ସ୍ଥାୟୀ ବାସିନ୍ଦା ହୋଇଥିବା ବେଳେ ଗତ କିଛି ମାସ ଧରି ଗଞ୍ଜେଇ ବ୍ୟବସାୟରେ ଲିପ୍ତ ଥିଲେ ।

## ବାରମ୍ବାର ପ୍ଲାଣ୍ଟ ବନ୍ଦ ଯୋଗୁ ବିଦ୍ୟୁତ ଉତ୍ପାଦନ ବାଧାପ୍ରାପ୍ତ

# ପରିଚାଳନା ବିଭ୍ରାଟ ପାଇଁ ଓପିଜିସିର ୩୪୫୨ କୋଟି ଟଙ୍କା କ୍ଷତି

**ଭୁବନେଶ୍ୱର, ୩୦।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ଅପରେସନ୍ ଏବଂ ରକ୍ଷଣାବେକ୍ଷଣ ତ୍ରୁଟିପାଇଁ ଇବ ତାପଜ ବିଦ୍ୟୁତକେନ୍ଦ୍ର ବାରମ୍ବାର ବନ୍ଦ ହେଉଛି । ଓଇଆରସି ପ୍ରକାଶ କରିଥିବା ତଥ୍ୟ ଅନୁସାରେ ପ୍ରଥମ ପର୍ଯ୍ୟାୟ ୪୨୦ ମେଗାୱାଟ (୨x୨୧୦) ପୁରୁଣା ଶକ୍ତିକେନ୍ଦ୍ରଟି ପୂର୍ବ ୫ ବର୍ଷରେ (୨୦୧୯-୨୦ ରୁ ୨୦୨୩-୨୪) ୮୦ଥର ବନ୍ଦ ହୋଇଥିବା ବେଳେ ୨୦୨୪-୨୫ରେ ୧୮ ଥର ବନ୍ଦ ହୋଇଛି ଚଳିତ ବର୍ଷର ପ୍ରଥମ ୬ ମାସରେ ପୁରୁଣା ଶକ୍ତିକେନ୍ଦ୍ର ୧୨ ଥର ବନ୍ଦ ହୋଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ୧୩୨୦ ମେଗାୱାଟ (୨x୬୬୦) ନୂତନ ଶକ୍ତିକେନ୍ଦ୍ର ୧୪ ଥର ବନ୍ଦ ହୋଇଛି । ଫଳରେ ଏପ୍ରିଲ, ୨୦୨୦ରୁ ସେପ୍ଟେମ୍ବର, ୨୦୨୫ ପର୍ଯ୍ୟନ୍ତ ୬୬ ମାସରେ ୯୮୬୪ ନିୟୁତ ୟୁନିଟ ଉତ୍ପାଦନ କ୍ଷତି ହୋଇଛି । ସେଥିପାଇଁ ଓପିଜିସି ୩୪୫୨ କୋଟିଟଙ୍କା ରାଜସ୍ୱ ହରାଇଛି ।

ଝାରସୁଗୁଡା ଜିଲ୍ଲାର ବନହରିପାଲରେ ଥିବା ଓପିଜିସିର ଇବ ତାପଜ ଶକ୍ତିକେନ୍ଦ୍ର ରାଜ୍ୟର ଏକ ତୃତୀୟାଂଶ ବିଦ୍ୟୁତ ଚାହିଦା ପୂରଣ କରୁଛି । ଓଡିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ଧାର୍ଯ୍ୟ କରିଥିବା ମାନଦଣ୍ଡ ଅନୁସାରେ ୪୨୦ ମେଗାୱାଟ କ୍ଷମତାର ପୁରୁଣା ଶକ୍ତିକେନ୍ଦ୍ରଟି ବର୍ଷକୁ ସ୍ଥାପିତ କ୍ଷମତାର ୮୩% ବିଦ୍ୟୁତ ଉତ୍ପାଦନ କରିବ । ସେହିପରି ୧୩୨୦ ମେଗାୱାଟ କ୍ଷମତାର ନୂତନ ଶକ୍ତିକେନ୍ଦ୍ରଟି ୮୫% ବିଦ୍ୟୁତ ଉତ୍ପାଦନ କରିବ । ଓଇଆରସି ଦ୍ୱାରା ଧାର୍ଯ୍ୟ ମାନଦଣ୍ଡରୁ ଯଦି କମ ବିଦ୍ୟୁତ ଉତ୍ପାଦନ ହୁଏ ତେବେ ଓପିଜିସିର ଉତ୍ପାଦନ କ୍ଷତି ହେବା ସହ ରାଜସ୍ୱ ହାନି ହେବ । ଓପିଜିସି ପ୍ରକାଶ କରିଥିବା ତଥ୍ୟ ଅନୁସାରେ ପୁରୁଣା ଶକ୍ତିକେନ୍ଦ୍ରଟି ପୂର୍ବ ୫ ବର୍ଷରେ (୨୦୨୦-୨୧ ରୁ ୨୦୨୪-୨୫) ଯଥାକ୍ରମେ ୭୧%, ୮୦%, ୭୬%, ୬୮% ଓ ୭୪% ଉତ୍ପାଦନ କରିଛି । ସେଥିପାଇଁ ପୂର୍ବ ୫ ବର୍ଷରେ ଯଥାକ୍ରମେ ୧୨%, ୩%, ୭%, ୧୫% ଓ ୯% ଉତ୍ପାଦନ କ୍ଷତି କରିଛି । ସେହିପରି ଚଳିତ ବର୍ଷର ପ୍ରଥମ ୬ ମାସରେ ହାରାହାରି ୮୫% ବିଦ୍ୟୁତ ଉତ୍ପାଦନ କରି ୨% ଲାଭ କରିଛି । ତେଣୁ ପୁରୁଣା ଶକ୍ତିକେନ୍ଦ୍ରଟି ଏପ୍ରିଲ, ୨୦୨୦ରୁ ସେପ୍ଟେମ୍ବର, ୨୦୨୫ ପର୍ଯ୍ୟନ୍ତ ୬୬ ମାସରେ ଧାର୍ଯ୍ୟ ମାନଦଣ୍ଡ ଠାରୁ ୧୬୭୧ ନିୟୁତ ୟୁନିଟ କମ ଉତ୍ପାଦନ କରି ୟୁନିଟ ପିଛା ୩ ଟଙ୍କା ୫୦ ପଇସା ହିସାବରେ ୫୮୫ କୋଟିଟଙ୍କା ରାଜସ୍ୱ କ୍ଷତି କରିଛି । ଦ୍ୱିତୀୟ ପର୍ଯ୍ୟାୟ ନୂତନ ଶକ୍ତିକେନ୍ଦ୍ରଟି ପୂର୍ବ ୫ ବର୍ଷରେ ଯଥାକ୍ରମେ ୫୧%, ୬୩%, ୭୭%, ୮୦% ଓ ୮୭% ଉତ୍ପାଦନ କରିଛି । ସେଥିପାଇଁ ପୂର୍ବ ୫ ବର୍ଷରେ ଯଥାକ୍ରମେ ୩୪%, ୨୨%, ୮%, ୫% ଓ (–) ୨% ଉତ୍ପାଦନ କ୍ଷତି କରିଛି । ସେହିପରି ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ୭୬% ଉତ୍ପାଦନ କରି ୯% କ୍ଷତି କରିଛି । ତେଣୁ ୧୩୨୦ ମେଗାୱାଟ କ୍ଷମତାର ଦ୍ୱିତୀୟ ପର୍ଯ୍ୟାୟ ଶକ୍ତିକେନ୍ଦ୍ରଟି ଏପ୍ରିଲ, ୨୦୨୦ ରୁ ସେପ୍ଟେମ୍ବର, ୨୦୨୫ ପର୍ଯ୍ୟନ୍ତ ୬୬ ମାସରେ ୮୧୯୨ ନିୟୁତ ୟୁନିଟ ଉତ୍ପାଦନ କ୍ଷତି ସହି ୨୮୬୭ କୋଟି ଟଙ୍କା ରାଜସ୍ୱ ହାନି କରିଛି । ଅତଏବ ଉଭୟ ପୁରୁଣା ଓ ନୂଆ ଶକ୍ତିକେନ୍ଦ୍ର ଏପ୍ରିଲ, ୨୦୨୦ରୁ ସେପ୍ଟେମ୍ବର, ୨୦୨୫ ପର୍ଯ୍ୟନ୍ତ ୬୬ ମାସରେ ୯୮୬୪ ନିୟୁତ ୟୁନିଟ ଉତ୍ପାଦନ କ୍ଷତି ସହି ୩୪୫୨ କୋଟିଟଙ୍କା ରାଜସ୍ୱ ହରାଇଛି । ଓପିଜିସି ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସରକାରୀ ଉଦ୍ୟୋଗ ଏତେ ବୃହତ ପରିମାଣର କ୍ଷତି କରୁଥିଲେବି ସାଧାରଣ ଉଦ୍ୟୋଗ ଓ ଶକ୍ତି ବିଭାଗ ଅଣଦେଖା କରି ଚୁପ ରହିବା ପରୋକ୍ଷରେ ବିଦ୍ୟୁତ ମୂଲ୍ୟ ବୃଦ୍ଧିକୁ ପ୍ରୋତ୍ସାହନ କରିଛି ।

ଇବ ଶକ୍ତିକେନ୍ଦ୍ରରେ ସମୁଦାୟ ୪ଟି ଟର୍ବାଇନ୍ ଜେନେରେଟର (ଟିଜି) କାର୍ଯ୍ୟକ୍ଷମ ଅଛି । ପ୍ରତେକଙ୍କର ପରମାୟୁ ୨୫ ବର୍ଷଛ ପୁରୁଣା ଶକ୍ତିକେନ୍ଦ୍ର ଇତିମଧ୍ୟରେ ୨୫ ବର୍ଷ ପରମାୟୁ ପୂରଣ କରିଥିବା ବେଳେ ନୂତନ ଶକ୍ତିକେନ୍ଦ୍ର ୬ ବର୍ଷ ପୂରଣ କରିଛି । ଶକ୍ତିକେନ୍ଦ୍ରରେ ସ୍ଥାପିତ ହୋଇଥିବା ଟିଜି–ଗୁଡିକ ବର୍ଷସାରା ଅନବରତ ବିଦ୍ୟୁତ ଉତ୍ପାଦନ କରିବାକୁ ସକ୍ଷମ । କିନ୍ତୁ ପ୍ଲାଣ୍ଟର ସୁରକ୍ଷା ଓ ସ୍ଥାୟିତ୍ୱ ପାଇଁ ପ୍ରତିବର୍ଷ ୧ ମାସ ପ୍ଲାଣ୍ଟ ବନ୍ଦକରି ସାଧାରଣ ମରାମତି କାର୍ଯ୍ୟ କରାଯାଉ ଥିବାବେଳେ ପ୍ରମୁଖ ମରାମତି କାର୍ଯ୍ୟପାଇଁ ପ୍ରତି ୪ ବର୍ଷରେ ୧ ମାସ ପାଇଁ ବନ୍ଦ କରାଯାଏ । ସାରା ଭାରତରେ ଏହି ନିୟମ ରହିଛି । ମରାମତି ପାଇଁ ବାରମ୍ବାର ପ୍ଲାଣ୍ଟ ବନ୍ଦ କରିବା ଦ୍ୱାରା ଟିଜି ପରମାୟୁ ହ୍ରାସ ପାଉଛି । ସେଥିପାଇଁ ଶକ୍ତିକେନ୍ଦ୍ରର ସ୍ଥାୟିତ୍ୱ ଉପରେ ଆଶଙ୍କା ପ୍ରକାଶ କରିଛନ୍ତି ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର । ଓପିଜିସି କର୍ତ୍ତୃପକ୍ଷ ବାରମ୍ବାର ପ୍ଲାଣ୍ଟ ବନ୍ଦ କରିବା ଦ୍ୱାରା ବର୍ଷକୁ ହାରାହାରି ୮ଥର ଟିଜି ବନ୍ଦ ହେଉଛି । ଏପରି ଘଟଣା ସାରା ଭାରତରେ ବିରଳ ହୋଇଥିଲେବି ଏହାର ସୁଧାର ପାଇଁ ଓପିଜିସି କର୍ତ୍ତୃପକ୍ଷ ବାରମ୍ବାର ଅବହେଳା ପଦର୍ଶନ କରିଆସୁଛନ୍ତି । ଶ୍ରୀ ମହାପାତ୍ର ଯୁକ୍ତି ବାଢି କହିଛନ୍ତି ଯେ କେନ୍ଦ୍ରୀୟ ବିଦ୍ୟୁତ ପ୍ରାଧିକରଣ ଜାରି କରିଥିବା ନିର୍ଦ୍ଦେଶାବଳି ଅନୁସାରେ ଶକ୍ତିକେନ୍ଦ୍ରକୁ ମରାମତି ପାଇଁ ବର୍ଷକୁ ମାତ୍ର ଥରେ ବନ୍ଦ କରାଯିବ କିନ୍ତୁ ଓପିଜିସିର ଅବହେଳା ପାଇଁ ମରାମତି ପାଇଁ ବର୍ଷକୁ ୮ ଥର ବନ୍ଦ ହେବା ଦ୍ୱାରା ଶକ୍ତିକେନ୍ଦ୍ରର ଟିଜି ଦୁର୍ବଳ ଆସ୍ତେ ଆସ୍ତେ ଦୁର୍ବଳ ହେଉଛି । ଫଳରେ ଦ୍ୱିତୀୟ ପର୍ଯ୍ୟାୟ ପ୍ଲାଣ୍ଟର ୨୫ ବର୍ଷ ପରମାୟୁ ପୂରଣ ଉପରେ ଆଶଙ୍କା ପ୍ରକାଶ ପାଇଛି । ପ୍ଲାଣ୍ଟ ବାରମ୍ବାର ବନ୍ଦ ହେବା ଦ୍ୱାରା ପ୍ରବଳ ମାତ୍ରାରେ ବିଦ୍ୟୁତ ଉତ୍ପାଦନ ବାଧାପ୍ରାପ୍ତ ହେଉଛି । ସେଥିପାଇଁ ଓପିଜିସି ଗ୍ରୀଡ୍‌କୋକୁ ଶସ୍ତା ବିଦ୍ୟୁତ ଯୋଗାଣ କରିବାରେ ବିଫଳ ହେବା ସହିତ ପ୍ରବଳ ରାଜସ୍ୱ କ୍ଷତି ସହୁଛି । ଗ୍ରୀଡ୍‌କୋକୁ ଓପିଜିସିର ଶସ୍ତା ବିଦ୍ୟୁତ ନମିଳିବାରୁ ରାଜ୍ୟର ବିଦ୍ୟୁତ ଚାହିଦା ପୂରଣ କରିବାପାଇଁ ଗ୍ରୀଡ୍‌କୋ ଅଧିକ ମୂଲ୍ୟ ପଇଠ କରି କେନ୍ଦ୍ରୀୟ ସଂସ୍ଥା ଏନଟିପିସି ଠାରୁ ବିଦ୍ୟୁତ କ୍ରୟ କରୁଛି । ଫଳରେ ବିଦ୍ୟୁତ ମୂଲ୍ୟ ବୃଦ୍ଧିଘଟି ବିତରଣ କମ୍ପାନୀଗୁଡ଼ିକ ଉପଭୋକ୍ତାଙ୍କ ଠାରୁ ଅଦାୟ କରୁଛନ୍ତି । ଆଶ୍ଚର୍ଯ୍ୟର କଥା ସମସ୍ତ ୪ଟି ୟୁନିଟ ପର୍ଯ୍ୟାୟକ୍ରମେ ଗତ ଏପ୍ରିଲରୁ ଚଳିତ ଅକ୍ଟୋବର ମାସ ପର୍ଯ୍ୟନ୍ତ ପ୍ରାୟ ୨୬ ଥର ବନ୍ଦହୋଇ ୧୦୦୦ ନିୟୁତ ୟୁନିଟ ଉତ୍ପାଦନ କରିପାରି ନାହି ଏବଂ ସେଥିପାଇଁ ଓପିଜିସିର ୩୫୦ କୋଟିଟଙ୍କା ରାଜସ୍ୱ କ୍ଷତି ହେଲାଣି । ପ୍ଲାଣ୍ଟକୁ ଅନବରତ କାର୍ଯ୍ୟକ୍ଷମ କରିବାକୁ ଅଭିଜ୍ଞ ପରିଚାଳନା ଓ ଅପରେସନ ନିର୍ଦ୍ଦେଶକ ମଣ୍ଡଳୀ ଆବଶ୍ୟକ ଥିବାବେଳେ ସାଧାରଣ ଉଦ୍ୟୋଗ ଓ ଶକ୍ତିବିଭାଗ ସ୍ୱଜନପୋଷଣ ନୀତିରେ ଅବସରପ୍ରାପ୍ତ ଅନଭିଜ୍ଞ ପାର୍ଥୀଙ୍କୁ ନିଯୁକ୍ତ ଦେଇଛନ୍ତି । ଫଳସ୍ୱରୂପ ଓପିଜିସି ଭୀଷଣ ସଙ୍କଟମୟ ପରିସ୍ଥିତି ଦେଇ ଗତି କରିବା ସହିତ ରାଜସ୍ୱ ହାନି ହେଉଛି ଓ ଉପଭୋକ୍ତା ଶୋଷଣ ହେଉଛନ୍ତି ବୋଲି ଶ୍ରୀ ମହାପାତ୍ର ଦୁଃଖ ପ୍ରକାଶ କରିଛନ୍ତି ।

## ବର୍ଷା ଓ ପବନରେ ଧାନ ଫସଲ ନଷ୍ଟ

**କଣାସ : ଏକ୍ସପ୍ରେସ୍ ନ୍ୟୁଜ୍**

ସାମୁଦ୍ରିକ ଝଡ ମନ୍ଥା ଯୋଗୁଁ ଦୁଇଦିନ ହେଲା ପୁରୀ ଜିଲ୍ଲାର ଭାତହାଣ୍ଡି ରୂପେ ପରିଚିତ କଣାସ ବ୍ଲକର ଥୋଡ଼ଅ ଧାନଗୁଡିକ ଜମିରେ ଶୋଇ ପଡିଥିବା ଯୋଗୁଁ ଚାଷୀମାନେ ଚିନ୍ତାରେ ରହିଛନ୍ତି । ଦୁହାକୁ ଦୁହା ବର୍ଷା ସାଙ୍ଗକୁ ମଝିରେ ମଝିରେ ପବନ ବହିବା ଯୋଗୁଁ ଅନେକ ଜମିରେ ଥୋଡ଼ଅ ଧାନ ଗଛ ଶୋଇପଡି ଜମିରେ ଥିବା ପାଣି ମଧରେ ବୁଡିରହିଛି । ଶୋଇପଡିଥିବା ଧାନଗଛ ଗୁଡିକ ବର୍ତ୍ତମାନ କ୍ଷୀର ନେଉଥିବାରୁ ସେଗୁଡିକ ଅଗାଡି ହୋଇଯିବାର ଅଧିକ ସମ୍ଭାବନା ଥିବାରୁ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି । କଣାସ ବ୍ଲକର ୮୦ଭାଗ ଲୋକ ଚାଷ ଉପରେ ନିର୍ଭର କରିଥାଆନ୍ତି ।

## ବଜ୍ରପାତରେ ମୋ ସେବା କେନ୍ଦ୍ରରେ ବ୍ୟାପକ କ୍ଷୟକ୍ଷତି

**ଖଣ୍ଡପଡ଼ା, ୩୦।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡ଼ା ବ୍ଲକ ଅଧିନ ଜଗନ୍ନାଥପ୍ରସାଦ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅବସ୍ଥିତ ମୋ ସେବା କେନ୍ଦ୍ରର ସମସ୍ତ ମୂଲ୍ୟବାନ ସାମଗ୍ରୀ ବଜ୍ରପାତ ପ୍ରଭାବରେ ପୋଡି ନଷ୍ଟ ହୋଇଯାଇଥିବା ଜଣାପଡିଛି । ବାତ୍ୟା ମନ୍ଥାର ପ୍ରଭାବରେ ମଙ୍ଗଳବାର ରାତିରେ ବଜ୍ରପାତ ସାଙ୍ଗକୁ ମୂଷଳଧାରାରେ ବର୍ଷା ହୋଇଥିଲା । ବଜ୍ରପାତର ପ୍ରଭାବରେ ମୋ ସେବା କେନ୍ଦ୍ର ପରିସରରେ ଥିବା କମ୍ପ୍ୟୁଟର, ପ୍ରିଣ୍ଟର, ଲାପଟପ ସମେତ ଆନୁସଙ୍ଗିକ ମୂଲ୍ୟବାନ ସାମଗ୍ରୀ ଗୁଡ଼ିକ ପୋଡି ନଷ୍ଟ ହୋଇଯାଇଥିବା ଜଣାପଡିଛି । ଖବରପାଇ ଖଣ୍ଡପଡ଼ା ଅଗ୍ନିଶମ କର୍ମଚାରୀମାନେ ବୁଧବାର ଭୋର ସମୟରେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ । ବଜ୍ରପାତରେ ଲକ୍ଷାଧିକ ଟଙ୍କା କ୍ଷୟକ୍ଷତି ହୋଇଥିବା ଜଣାପଡିଛି । କ୍ଷତିଗ୍ରସ୍ତ ମୋ ସେବା କେନ୍ଦ୍ର ପରିଚାଳକଙ୍କୁ ଆନୁସଙ୍ଗିକ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି । ଅପରପକ୍ଷେ ମୋ ସେବା କେନ୍ଦ୍ର ପୋଡି ନଷ୍ଟ ହୋଇଯାଇଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଡିଜିଟାଲ ସେବାରୁ ବଞ୍ଚିତ ହୋଇଥିବା ଜଣାପଡିଛି ।

### ଥମୁନି ଜନନୀ ଯନ୍ତ୍ରଣା

## ପ୍ରସୂତିଙ୍କୁ ୧ କି.ମି. ବୋହିଲେ ଫାର୍ମାସିଷ୍ଟ

**ମୋହନା, ୩୦।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ଗଜପତି ଜିଲ୍ଲା ମୋହନା ବ୍ଲକ ଅନ୍ତର୍ଗତ ମଳାସ ପଦର ଗାଁ କୁସୁମା ସାହିରେ ଜନନୀ ଯନ୍ତ୍ରଣା ଦେଖିବାକୁ ମିଳିଛି । ସୂଚନା ପ୍ରକାରେ ମଙ୍ଗଳବାର ମଳାସ ପଦର ଗାଁ କୁସୁମା ସାହିର ଭାଗ୍ୟ ବିଶୋୟୀ (୨୦)ଙ୍କୁ ପ୍ରସବ ଯନ୍ତ୍ରଣା ଆସିଥିଲା ଏବଂ ଗୋଟିଏ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ । ବୁଧବାର ଖବର ପାଇ ସିଡିପିଓ ସବିତା ପଟ୍ଟନାୟକ ଏବଂ ବିପିଏମ ବିଭୁ ପ୍ରସାଦ କର ଭାଗ୍ୟଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କୁ ବୁଝାସୁଝା କରି ବୁଧବାର ପୂର୍ବାହ୍ନରେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ । କୁସୁମା ସାହିର ରାସ୍ତା ଅତି ଖରାପ ଯୋଗୁ ଆମ୍ବୁଲାନ୍ସ ପହଞ୍ଚି ନ ପାରି ଅଟକି ଯାଇଥିଲା ଗାଁର ଏକ କିଲୋମିଟର ପୂର୍ବରୁ । ଫାର୍ମାସିଷ୍ଟ ବିଦ୍ୟାଧର ଓ ସହଯୋଗୀ ରାସ୍ତାଠାରୁ ଏକ କିଲୋମିଟର ଜଙ୍ଗଲ ମଧ୍ୟରେ ଚାଲିଚାଲି ଯାଇ ଘରକୁ ପହଞ୍ଚିଥିଲେ । ଗାଁ ଲୋକଙ୍କ ସହଯୋଗରେ କନ୍ୟାରତ୍ନ ଜନ୍ମ ଦେଇଥିବା ମହିଳାଙ୍କୁ ବିଦ୍ୟାଧର ଏକ କିଲୋମିଟର ବୋହି ଆଣି ଆମ୍ବୁଲାନ୍ସ ଦ୍ୱାରା ମୋହନା ମେଡିକାଲରେ ଭର୍ତ୍ତି କରିଛନ୍ତି । ଭାଗ୍ୟଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ ଥିବାର ଡାକ୍ତର ଜିତେନ୍ଦ୍ର ପ୍ରସାଦ ଦାଶ କହିଛନ୍ତି । ଅପରପକ୍ଷେ ବିଦ୍ୟାଧରଙ୍କ ଏହି ମହାନତା କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି ।

## ନାଳରେ ଭାସୁଛି ଅଜଣା ମୃତଦେହ

**କୁକୁଡ଼ାଖଣ୍ଡ, ୩୦।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ସଦର ଥାନା ମାୟାପୁରୀର ବଡ଼ ନାଳରେ ଏକ ମୃତଦେହ ଭାସୁଥିବା ଦେଖିବାକୁ ମିଳିଛି । ମୃତକଙ୍କ ପରିଚୟ ଅସ୍ପଷ୍ଟ ରହିଛି । ମୃତଦେହଟି ଜଣେ ବୟସ୍କ ବ୍ୟକ୍ତିଙ୍କର ହୋଇଥିବା ପୁଲିସ ସୂଚନା ଦେଇଛି । ଗୁରୁବାର ଭୋର୍ ସମୟରେ ସଦର ଥାନା ମାୟାପୁରୀର ବଡ଼ ନାଳରେ ଏକ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ । ଏନେଇ ବିଏମସିକୁ ଖବର ଦେଇଥିଲେ । ପରେ ଥାନା ସୀମାକୁ ନେଇ ଦ୍ୱନ୍ଦ ଦେଖାଦେଇଥିଲା । କେଉଁ ଥାନାରେ ଏହା ଯାଉଛି ତାହାକୁ ନେଇ ବିବାଦ ଦେଖାଦେଇଥିଲା । ପରବର୍ତ୍ତୀ ସମୟରେ ଏହା ଗୋଶାଣୀନୂଆଁ ଗାଁ ଥାନାରେ ଯାଉଥିବା ନେଇ ଜଣାପଡ଼ିଛି । ମୃତକଙ୍କ ପରିଚୟ ଅସ୍ପଷ୍ଟ ରହିଛି । ମୃତଦେହଟି ଜଣେ ବୟସ୍କ ବ୍ୟକ୍ତିଙ୍କର ହୋଇଥିବା ପୁଲିସ ସୂଚନା ଦେଇଛି ।

# ଦୁଷ୍କର୍ମ ଓ ଡକାୟତି ମାମଲାର ଅଭିଯୁକ୍ତଙ୍କୁ ୨୦ ବର୍ଷ ଲେଖାଏଁ କାରାଦଣ୍ଡ

**ଫୁଲବାଣୀ, ୩୦।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ଫୁଲବାଣୀ ଫାଷ୍ଟଟ୍ରାକ ପୋକ୍ସୋ କୋର୍ଟ ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ଏକ ୧୪ ବର୍ଷିଆ ନାବାଳିକା ଦୁଷ୍କର୍ମ ଏବଂ ଡ଼କାୟତି ମାମଲାରେ ବିଚାର କରି ୫ ଅଭିଯୁକ୍ତଙ୍କୁ ୨୦ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି । ୧୮ଜଣ ସାକ୍ଷୀ, ଡ଼ାକ୍ତରୀ ରିପୋର୍ଟ, ପୀଡ଼ିତାଙ୍କ ବୟାନ୍ ଏବଂ ଟିଆଇ ପରେଡ୍ ଆଧାରରେ ବିଚାରପତି ଉପରୋକ୍ତ ରାୟ ଦେବା ସହିତ ଅଭିଯୁକ୍ତମାନଙ୍କୁ ୨୬ ହଜାର ଟଙ୍କା ଲେଖାଏଁ ଜରିମାନା ଆଦେଶ ଦେଇଛନ୍ତି । ଜରିମାନା ଅନାଦେୟ ପ୍ରତ୍ୟେକଙ୍କୁ ୫ ବର୍ଷ ଲେଖାଏଁ ଅଧିକ ଜେଲଦଣ୍ଡାଦେଶ ପାଇଁ ରାୟରେ ଉଲ୍ଲେଖ କରିଛନ୍ତି । ଅଭିଯୁକ୍ତମାନେ ହେଲେ ଗୋଛାପଡ଼ା ଥାନା ଅନ୍ତର୍ଗତ ମୁସେଲିପାଙ୍ଗା ଗ୍ରାମର ଅଶୋକ ମୁଖୀ(୨୪), ଦାରିଙ୍ଗବାଡ଼ି ଥାନା ଅନ୍ତର୍ଗତ ସିମନବାଡ଼ି ଅଞ୍ଚଳର ସୁଶାନ୍ତ ନାୟକ (୨୯), କୃପାକର ମୁଖୀ(୪୭), ଜେରହ ନାୟକ(୩୩) ଏବଂ ଯୋଶେଫ୍ ଗୁଆମାଝୀ (୨୫) । ସରକାରଙ୍କ ତରଫରୁ ଫାଷ୍ଟଟ୍ରାକ ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ପି.ପି ବନମାଳୀ ବେହେରା ମାମାଲା ପରିଚାଳନା କରୁଥିଲେ ।

ସୂଚନା ଅନୁସାରେ, ୨୦୨୪ ଏପ୍ରିଲ ୨୪ ରାତି ପ୍ରାୟ ୯ଟା ୩୦ରେ ଅଭିଯୁକ୍ତମାନେ ମୁହଁରେ ମୁଖା ପିନ୍ଧି ପୀଡ଼ିତାଙ୍କ ଘର ଭିତରକୁ ଜୋର ଜବରଦସ୍ତ ପ୍ରବେଶ କରି ଖାଇବାକୁ ମାଗିଥିଲେ । ହାତରେ ପିସ୍ତଲ, ବିଭିନ୍ନ ପ୍ରକାର ମାରଣାସ୍ତ୍ର ଦେଖାଇ ଭୟଭୀତ କରିବା ସହିତ ୫୦ ହଜାର ଟଙ୍କା, ସୁନାମାଳୀ, କାନ ଫୁଲ ଏବଂ ତିନୋଟି ମୋବାଇଲ୍ ଲୁଟ୍ କରିଥିଲେ । ସେମାନେ ନିଜକୁ ନକ୍ସଲ ବୋଲି କହି ପୀଡ଼ିତାଙ୍କୁ ଆମ ମାଡ଼ାମ୍‌କୁ ଭାତ ଖାଇବାକୁ ନେଇ ଦେବୁ ବୋଲି ଟାଣି ଟାଣି ନେଇଥିଲେ । ଘରଠାରୁ ପ୍ରାୟ ୫୦ ମିଟର ଦୂରରେ ଏକ ପଡ଼ିଆରେ ନାବାଳିକାଙ୍କୁ ଅଭିଯୁକ୍ତମାନେ ଦୁଷ୍କର୍ମ କରିଥିଲେ । ଆସନ୍ତାକାଲି ଆସି ତୋତେ ନେଇଯିବୁ ବୋଲି ଧମକ ଦେବା ସହିତ ନ ଗଲେ ତୋତେ ଏବଂ ତୋର ଘର ଲୋକଙ୍କୁ ଜୀବନରେ ମାରିଦେବୁ ବୋଲି ଧମକ ଦେଇ ଚାଲିଯାଇଥିଲେ । ପୀଡ଼ିତା ଜଣକ ଘରକୁ ଫେରି ଘଟଣା ସଂପର୍କରେ କହିଥିଲେ । ଏହା ପରେ ପୀଡ଼ିତାଙ୍କ ବାପା ତା' ପରଦିନ ଫିରିଙ୍ଗିଆ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଥାନା ଅଧିକାରୀ କେସ ନଂ ୧୦୭ରେ ଏକ ମାମଲା ରୁଜୁକରି ଏସ୍.ଆଇ ଦୀପକ ରାଉତଙ୍କୁ ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । ଏହି ମାମଲାର ତଦନ୍ତ କରି ତଦନ୍ତ ଅଧିକାରୀ ରାଉତ ବହୁ ଚତୁରତାର ସହିତ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ବୁଧବାର ଏହି ମାମଲାରେ ରାୟ ପ୍ରକାଶ ହୋଇଛି । ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦକୁ ୬ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଜିଲା ଆଇନ ସହାୟତା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଘଟଣା ସେହି ସମୟରେ ସମଗ୍ର ଜିଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା ।

## ଜଙ୍ଗଲରୁ ଗଳିତ ମୃତଦେହ ଉଦ୍ଧାର

**ଖୋର୍ଦ୍ଧା, ୩୦।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ଖୋର୍ଦ୍ଧା ଜଂକିଆ ଥାନା ଅନ୍ତର୍ଗତ ନାଳସିଂହ ଜଙ୍ଗଲରୁ ଏକ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର କରିଛି ଜଙ୍କିଆ ପୁଲିସ । ମୃତ ଯୁବକଙ୍କ ପକେଟରୁ ମୋବାଇଲ ଜବତ କରିବା ସହିତ ଜଂକିଆ ପୁଲିସ ଘଟଣାସ୍ଥଳରେ ଏକ ଗ୍ଲାମର ମୋଟର ସାଇକେଲ ଯାହାର ନମ୍ବର ଓଡ଼ି୦୨ପି– ୬୮୯୮କୁ ଜବତ କରିଥିବା ଜଣାପଡିଛି ।

ସୂଚନା ଅନୁଯାଇ ନାଳସିଂ ଜଙ୍ଗଲକୁ ପ୍ରତିଦିନ ଅଞ୍ଚଳର ଲୋକେ କାଠ ଆଣିବା ନିମନ୍ତେ ଯାଇଥାନ୍ତି । ତେବେ ବୁଧବାର ଦିନ ସେହିପରି ଗ୍ରାମଲୋକେ ଜଙ୍ଗଲକୁ କାଠ ଆଣିବା ପାଇଁ ଯାଉଥିବା ବେଳେ ଜଣେ ଏଠାରେ ମରି ପଡିଥିବା ଦେଖିଥିଲେ । ମୃତଦେହଟି ସଢ଼ିଯାଇ ଦୁର୍ଗନ୍ଧ ହେଉଥିବା ଦେଖିଥିଲେ ଏବଂ ଏହି ଘଟଣାକୁ ସଂଗେ ସଂଗେ ଜଙ୍କିଆ ଥାନାକୁ ଖବର ଦେଇଥିଲେ । ଖବର ପାଇ ଜଙ୍କିଆ ପୁଲିସ ଘଟଣାସ୍ଥଳରେ ପହଁଚିବା ସହିତ ସାଇନଟିଫିକ ଟିମ ମଧ ଯାଇଥିଲେ । ଶବ ଜବତ କରିବା ସମୟରେ ମୃତ ଶରୀର ନିକଟରେ ଏକ ମୋଟର ସାଇକେଲ ପଡିଥିବା ବେଳେ ତାଙ୍କ ପକେଟରେ ମୋବାଇଲ ଫୋନ ରହିଥିଲା । ମୃତକଙ୍କ ମୋବାଇରୁ ଜଣାପଡିଥିଲା ଯେ ଯୁବକ ଜଣକ ନିଆଳି ଥାନା ଅଞ୍ଚଳର କୁଳଶ୍ରୀ ଗ୍ରାମର ସୁନୀଲ କୁମାର ସାହୁ । ଯାହା ଫଳରେ ସୁନୀଲଙ୍କ ପରିବାର ଲୋକଙ୍କୁ ଜଙ୍କିଆ ପୁଲିସ ଖବର ଦେଇଥିଲା ଏବଂ ଶବକୁ ଜବତ କରି ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ଛାନଭିନ କରିବା ସହିତ ମୃତ ଶରୀରକୁ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଛେଦ ନିମନ୍ତେ ପଠାଇଥିବା ଜଣାପଡିଛି । ତେବେ ଘଟଣାସ୍ଥଳରେ ମୃତକଙ୍କ ପରିବାର ଲୋକେ ପହଁଚି ତାଙ୍କ ପୁଅକୁ କେହି ହତ୍ୟା କରିଥିବା ଅଭିଯୋଗ କରିଥିବା ବେଳେ ଜଙ୍କିଆ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ମୃତକଙ୍କ ମା'ଙ୍କ ଅଭିଯୋଗକୁ ଭିତ୍ତିକରି ଜଙ୍କିଆ ପୁଲିସ ଏକ କେସ୍ ରୁଜୁ କରିବା ସହିତ ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି ।

# ରାଜରାସ୍ତା ଜବରଦଖଲ, ଟ୍ରାଫିକ ସମସ୍ୟା ଅଣାୟତ୍ତ

**କଳିଙ୍ଗନଗର, ୩୦।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

କଳିଙ୍ଗନଗର ଶିଳ୍ପାଞ୍ଚଳରେ ଦିନକୁ ଦିନ ରାଜରାସ୍ତାରେ ଟ୍ରାଫିକ ସମସ୍ୟା ଗୁରୁତର ହୋଇପଡୁଛି । କ୍ଷୁଦ୍ର ଓ ମଧ୍ୟମ ଶିଳ୍ପର ବିସ୍ତାର, ରାସ୍ତାପାର୍ଶ୍ୱରେ ଦୋକାନ ଦଖଲ ଓ ପାର୍କିଂ ଅଭାବ ଫଳରେ ଜନସାଧାରଣ ଯାତାୟାତରେ ଯନ୍ତ୍ରଣାରେ । ସାଇଜର ପେଟ୍ରୋଲ ପମ୍ପ ଓ ଦାରସେଲ ପେଟ୍ରୋଲ ପମ୍ପ ନିକଟରେ କାରଖାନାମାନଙ୍କରେ ଲାଗୁଥିବା ଟ୍ରାନ୍ସପୋଟିଂ ମାନଙ୍କ ବଡ଼ ବଡ଼ ଟଲର ଅନେକ ସମୟରେ ରାସ୍ତା ଉପରେ ମାଡି ବେଆଇନ ପାର୍କିଂରେ ବଢୁଛି ଦୁର୍ଘଟଣା । ଧନ ଜୀବନ କ୍ଷୟକ୍ଷତି ଘଟୁଛି । ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଉଛି । ଏହା ଉପରେ ସ୍ଥାନୀୟ ଲୋକେ ଅଭିଯୋଗ ପରେ ବି ପ୍ରଶାସନ କାହିଁକି ଦୁଇ କମ୍ପାନୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ



ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା ଉପରେ ଉଠୁଛି ପ୍ରଶ୍ନବାଚୀ? ଶିଳ୍ପାଞ୍ଚଳର ମୁଖ୍ୟ ରାସ୍ତା ଓ ବଜାର ମଧ୍ୟରେ ଦାନଗଦୀ ବଜାର, ମିଲିଟାରୀ ଛକରୁ ଯଖପୁରା, ମାନତିରା, ପଙ୍କପାଳ, ବଙ୍ଗଳାଛକ, ଡୁବୁରୀ, ସାରଙ୍ଗପୁର ଦେଇ ସିଙ୍ଗାଗାଡ଼ିଆ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାଗୁଡିକରେ ଭିଡ଼ ନିୟନ୍ତ୍ରଣହୀନ । ହଜାର ହଜାର ବାଇକ, ଭାରିଯାନ, କମ୍ପାନୀ ବସ, ଛୋଟ–ବଡ଼ ଗାଡ଼ି ୨୪ ଘଣ୍ଟା ଧୂଳି, ଧୂଆଁ ଓ ଶବ୍ଦପ୍ରଦୂଷଣ ସୃଷ୍ଟି କରୁଛି । କାରଖାନାର ଛୁଟି–ଯିବା ସମୟରେ ଭିଡ଼ ଅଧିକତର ହୋଇ ଘଣ୍ଟା ଘଣ୍ଟା ଜାମ ସାଧାରଣ ଘଟଣା ହୋଇପଡିଛି । ସିଙ୍ଗାଗାଡ଼ିଆ ଛକରେ ଫଳ, ମାଛ, ମାଂସ, ଗୁପଚୁପ ଦୋକାନ ରାସ୍ତାକୁ ମାଡ଼ି ବସିବାରୁ ଯାତାୟାତ ବାଧା । ତେଲିବାହାଳୀ ଛକ,ଖରାଡ଼ି ଛକ ରାବଣା ଛକ, ମାନତିରା ଛକ,ଦିଗାମ୍ବର ପୁର ଛକ, ବଙ୍ଗଳା ଛକ ଉପରେ ଦୋକାନୀ ମାନେ ରାସ୍ତା ଉପରକୁ ମାଡିଯିବା ସହ ଗ୍ରାହକମାନେ ଗାଡ଼ିକୁ ରାସ୍ତାରେ ରଖି କିଣାକାଟା କରୁଥିବାରୁ ରାସ୍ତାର ଅଧା ଅଂଶ ଅବରୋଧ । ଯାହା ଦ୍ୱାରା ସାଧାରଣ ଲୋକେ ନାହିଁ ନଥିବା ହଇରାଣ ହରକତ ହେବା ସହ ଅନେକ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ଧନଜୀବନ କ୍ଷୟକ୍ଷତି ଘଟୁଛି । ମିଲିଟାରୀ ଛକରେ ମାଛମାର୍କେଟ ସାରଙ୍ଗପୁର–ଡୁବୁରୀ ହାଟର ଭିଡ଼ ଟ୍ରାଫିକକୁ ଅସହ୍ୟ କରୁଛି । ମାନପୁର ରେଳ ଓଭର ବ୍ରିଜ ଉଭୟ ପାର୍ଶ୍ୱରେ ଛକ, ବିଆରପିଏଲ ଛକ ଓ ରାବଣାଚାରି ଛକ, ତେଲିବାହଳି ଛକରେ ଅନିୟନ୍ତ୍ରିତ ପାର୍କିଂ ଓ ଭାରୀ ଯାନ ସମସ୍ୟାକୁ ଆହୁରି ବାଢାଉଛି । ଯଖପୁରା–ଭିସା ଲେଭ୍ଲ କ୍ରସିଂ–ତେଲିବାହାଳୀ ବିଜୁ ପଟ୍ଟନାୟକ ମାର୍ଗ ରୋଡ଼ରେ ପାଣି ଜମା ବଡ଼ ବଡ଼ ଖାଲଢିପ ଅଧାରାସ୍ତା ସ୍ଥିତିକୁ ଜଟିଳ କରୁଛି । ଡୁବୁରୀ–ବଙ୍ଗଳା– ମିଲିଟାରୀ ଛକ ରୋଡ଼ ମରାମତି କାମ ନିମ୍ନମାନର ସହିତ କଚ୍ଛପ ଗତିରେ ଚାଲୁଥିବାରୁ ଏଠାରେ ମଧ ଜାମ ହେଉଛି । ଗୁରୁବାରରେ ଡୁବୁରୀ ହାଟ, ସୋମବାର ଓ ଶୁକ୍ରବାରରେ ଦାନଗଦୀ ହାଟରେ ଶହ ଶହ ବାଇକ ପାର୍କିଂ ଫଳରେ ରାସ୍ତାରେ ଟ୍ରାଫିକ ସମସ୍ୟା ଚରମରେ ପହଞ୍ଚୁଛି । ସରକାର ଶିଳ୍ପାଞ୍ଚଳ ରାସ୍ତା ଘାଟ ପ୍ରତି ଦୃଷ୍ଟି ନଦେବା ଏବଂ ପ୍ରଶାସନର ନିୟନ୍ତ୍ରଣ ନଥିବାରୁ ରାଜରାସ୍ତା ଦୋକାନୀ, ଯାନ ଓ ପଶୁଙ୍କ କବଜାରେ । ସାଧାରଣ ଲୋକଙ୍କ ପାଇଁ ଏହା ମୁଣ୍ଡବ୍ୟଥା ପାଲଟିଛି । ଏପରି ଅଭିଯୋଗ ସାଧାରଣରେ ହେଉଛି । କଳିଙ୍ଗନଗରବାସୀ ପ୍ରଶାସନ ପାଇଁ ଏପରି ଅନେକ ପ୍ରଶ୍ନ ଉଠୁଥିବା ମଧ୍ୟରୁ –ପ୍ରଶାସନ କାହିଁକି ନିଷ୍କ୍ରିୟ? କେବେ ହେବ ଟ୍ରାଫିକ ପରିଚାଳନା ପାଇଁ ସୁଚିନ୍ତିତ ପଦକ୍ଷେପ ? କାହିଁକି ବେଆଇନ ରାସ୍ତାରେ ଦଖଲ କରୁଥିବା ଟ୍ରାନ୍ସପୋଟରର ବଡ଼ ଗାଡି, ଦୋକାନୀଙ୍କୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନି କାହିଁକି ? ଏବେ ଦେଖିବାକୁ ବାକି ରହିଲା କଳିଙ୍ଗନଗର ବାସୀଙ୍କ ସମସ୍ୟା ର ସମାଧାନ ଦିଗରେ ସରକାର କେବେ ନେଉଛନ୍ତି ପଦକ୍ଷେପ ।

: କ୍ଷୟକ୍ଷତିର ଆକଳନ ସରକାର ଆରମ୍ଭ କରିଛନ୍ତି । ହେଲେ ସରକାର ଯେତିକି କ୍ଷତିପୂରଣ ଦେବେ ତାହା ଚାଷୀଙ୍କୁ କେତେ ସୁହାଇବ ସେଇଟା ହିଁ ମୂଳ ପ୍ରଶ୍ନ । କ୍ଷୟକ୍ଷତିର ସମୀକ୍ଷା ନିରପେକ୍ଷ ଏବଂ ସଠିକ୍ ଭାବରେ ହେବା ଦରକାର, ନହେଲେ ଚାଷୀର କ୍ଷତି ଭରଣା ହୋଇପାରିବନି । ବର୍ଷକୁ ଥରେ ଧାନ ଚାଷ କରି ଯେଉଁମାନେ ଚଳନ୍ତି ସେମାନେ ନିଶ୍ଚିତ ଭାବରେ କ୍ଷତିର ସାମ୍ନା କରିବେ । ତେଣୁ କ୍ଷତିପୂରଣ କିଭଳି ଚାଷୀଙ୍କୁ ସନ୍ତୁଷ୍ଟ କରିପାରିବ ଏବଂ ପରବର୍ତ୍ତୀ ସମୟରେ ଚାଷୀ ଆଉ କେଉଁ ଚାଷ କରି ତା'ର କ୍ଷତିକୁ ଭରଣା କରିପାରିବ ଏହା ଉପରେ ସରକାର ଗୁରୁତ୍ୱ ଦେବା ଦରକାର । 'ଚାଷ ଅଛି ଯାହାର, କି ଆନନ୍ଦ ତାହାର' ଏ ଗୀତ ଚାଷୀଙ୍କ ପାଇଁ ଉପହାସ ନହେଉ ।


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୩୧ ଅକ୍ଟୋବର, ୨୦୨୫ | ଶୁକ୍ରବାର

ଓଡ଼ିଶା ଏକ୍ସପ୍ରେସ୍


## ବାତ୍ୟା ପରେ ଚାଷୀ ଚିନ୍ତାରେ ଗରାଖ ଆଶଙ୍କାରେ

ଓଡ଼ିଶାରେ ବାତ୍ୟା ବିପଦ ଟଳିଯାଇଛି ସତ, ହେଲେ ବର୍ଷା ପବନରେ ବ୍ୟାପକ ଫସଲ ନଷ୍ଟ ହୋଇଛି । ଧାନଠାରୁ ଆରମ୍ଭ କରି ପନିପରିବା ଚାଷ ମଧ୍ୟ ଅଧିକାଂଶ ଜାଗାରେ କ୍ଷତିଗ୍ରସ୍ତ ହୋଇଛି । କେଉଁଠି ଦରପାଚିଲା ଧାନ ବିଲରେ ଆଣ୍ଠୁଏ ଉଚ୍ଚରେ ପାଣି ଚାଲିଛି ତ କେଉଁଠି ପାଣିରେ ଶୋଇଯାଇଛି ଧାନଗଛ। ଗଜପତି, ଗଞ୍ଜାମ, ସୋନପୁର, କୋରାପୁଟ, ନବରଙ୍ଗପୁରରେ ବ୍ୟାପକ ଚାଷ ଉଜାଡ଼ିଛି ବାତ୍ୟା ମନ୍ଥା । ଆସିକାରେ ହେକ୍ଟର ହେକ୍ଟର ଦରପାଚିଲା ଧାନ ପାଣିରେ ବୁଡ଼ି ରହିଛି । ସ୍ଥିତି ଏମିତି ହୋଇଛି ଯେ ୫-୭ଦିନ ଭିତରେ ବିଲରୁ ପାଣି ଛାଡ଼ିବା ସମ୍ଭାବନା ଦେଖାଯାଉନି । ତେଣୁ ସେ ଧାନ ଅମଳ ହେବାର ଆଶା ଖୁବ୍ କମ୍ ।

ଚଳିତବର୍ଷ ପନିପରିବା ଫସଲ ମଧ୍ୟ ଭଲ ହେବ ବୋଲି ଆଶା କରାଯାଉଥିଲା । ଚାଷୀମାନେ ହାତଉଧାରୀ ଏବଂ ସମବାୟ ସମିତିରୁ କରଜ କରି ଚାଷ କରିଥିଲେ । ଆଶା ଥିଲା ଚଳିତବର୍ଷ ଉଭୟ ଧାନ ଓ ପନିପରିବା ଚାଷ ଦୁଇଗୁଣା ରୋଜଗାର ଦେବ । ହେଲେ ବାତ୍ୟା ମନ୍ଥା ଚାଷୀଙ୍କ ଉପରେ ଦାଉ ସାଧିଲା ।

ବାତ୍ୟାର ପ୍ରଭାବ ଅଧିକ ପଡ଼ିଛି ଗଜପତି, ଗଞ୍ଜାମ ଏବଂ ମୟୂରଭଞ୍ଜ ଜିଲ୍ଲା ପରେ । ଏ ତିନି ଜିଲ୍ଲାରେ ବର୍ଷା, ପବନ ଅଧିକ ହୋଇଥିବାରୁ ଧାନଚାଷ ଅଧିକ କ୍ଷତିଗ୍ରସ୍ତ ହୋଇଛି । ପରିବା ଚାଷ ମଧ୍ୟ ଉଜୁଡ଼ି ଯାଇଛି । ଅନ୍ୟାନ୍ୟ ଜିଲ୍ଲା ଏବଂ ଉପକୂଳ ଜିଲ୍ଲାଗୁଡ଼ିକରେ ମଧ୍ୟ ବର୍ଷାର ପ୍ରଭାବରେ ପରିବା ଚାଷ ପ୍ରଭାବିତ ହୋଇଛି । ଏବେ ଫୁଲକୋବି ଅମଳର ସମୟ । ତେଣୁ ଏ ବର୍ଷ ଫୁଲକୋବି ଦର ଚଢ଼ା ରହିପାରେ ଏବଂ ଉନ୍ନତମାନର ଫୁଲକୋବି ମିଳିନପାରେ । ଏବେ ଯଦି ପୁଣି କୋବି ଲଗାଯାଏ ତାହା କେତେ ସଫଳ ହେବ ସେଇଟା ହିଁ ମୂଳ ପ୍ରଶ୍ନ । ଏ ବେଳରେ କୃଷିବିଜ୍ଞାନୀମାନେ ଚାଷୀଙ୍କୁ ପରାମର୍ଶ ଦେବା ଉଚିତ୍ । ଥରେ ଚାଷ ଉଜୁଡ଼ିଯିବା ପରେ ଆଉ କେଉଁ ଚାଷ କରାଯାଇପାରିବ କ୍ଷତିକୁ ଭରଣା କରିବା ପାଇଁ ଏ ପରାମର୍ଶ କୃଷି ବିଶାରଦମାନେ ଚାଷୀଙ୍କୁ ଦେବା ଦରକାର ।

ଆମ ରାଜ୍ୟକୁ ବର୍ଷସାରା ଫୁଲକୋବି, ବନ୍ଧକୋବି ଏବଂ ବିଲାତିବାଇଗଣ ଆନ୍ଧ୍ରରୁ ହିଁ ଆସିଥାଏ । ସେଠି ବର୍ଷ ସାରା ସବୁ ଚାଷ ହୋଇପାରୁଛି । ସେଇଭଳି ପଦ୍ଧତିରେ ଆମ ରାଜ୍ୟରେ ହୋଇପାରୁନି କାହିଁକି?

ବାତ୍ୟାର ପ୍ରଭାବ ଆନ୍ଧ୍ର ଉପରେ ଅଧିକ ପଡ଼ିଛି । ତେଣୁ କାର୍ତ୍ତିକ ମାସ ପରେ ମଧ୍ୟ ପରିବା ଦର ଏ ବର୍ଷ ଚଢ଼ା ରହିବ ବୋଲି ଆଶା କରାଯାଉଛି । ଗରାଖ ଏବେ ଚିନ୍ତାରେ । ଶୀତଋତୁ ଆସିଲେ ପରିବାର ଦର କମିଆସେ । ଏବେ ତ ସବୁ ପରିବା ଦର ୬୦ ଟଙ୍କାରୁ ୮୦ ଟଙ୍କା ଉପରେ । କେବଳ ଆଳୁ, ପିଆଜ ଦର ଟିକେ ସାଥ୍ ଦେଉଛି ଗରାଖଙ୍କୁ ।

ଚାଷୀ ଚିନ୍ତାରେ- ଯେଉଁସବୁ ଅଞ୍ଚଳରେ ବାତ୍ୟା ଏବଂ ବର୍ଷା ଆସିବା ପୂର୍ବରୁ ଚାଷୀମାନେ ତରତରରେ ଦରପାଚିଲା ଧାନକୁ କାଟି ଆଣିଥିଲେ ତା'ର ମୂଲ୍ୟ ମଣ୍ଡିରେ କେତେ ମିଳିବ ସେଇ ଚିନ୍ତାରେ ଏବେ ଚାଷୀ । ଏଥର ଅଧିକ କଟ୍‌ନି ଛଟ୍‌ନିର ଶିକାର ହୋଇପାରନ୍ତି ସେମାନେ । ବର୍ଷା ପରେ ଯେଉଁ ଧାନ ଅମଳ ହେବ ସେସବୁ ଧାନର ରଙ୍ଗ ବଦଳି ଯାଇପାରେ! ପାଣିରେ ବୁଡ଼ି ରହିଥିବା ଧାନ ଗଛରୁ ଯେତିକି ଅମଳ କରାଯାଇପାରିବ ତାକୁ କେମିତି ବିକ୍ରି କରିହେବ ସେଇ ଚିନ୍ତାରେ ଚାଷୀଙ୍କ ମନ ମରିଯାଇଛି । ଯେଉଁ ଚାଷୀମାନେ କରଜ କରି ଚାଷ କରିଥିଲେ ସେମାନେ କରଜ ଶୁଝିବା ଚିନ୍ତାରେ ମ୍ରିୟମାଣ ହୋଇପଡ଼ିଛନ୍ତି ।


କ୍ଷୟକ୍ଷତିର ଆକଳନ ସରକାର ଆରମ୍ଭ କରିଛନ୍ତି । ହେଲେ ସରକାର ଯେତିକି କ୍ଷତିପୂରଣ ଦେବେ ତାହା ଚାଷୀଙ୍କୁ କେତେ ସୁହାଇବ ସେଇଟା ହିଁ ମୂଳ ପ୍ରଶ୍ନ । କ୍ଷୟକ୍ଷତିର ସମୀକ୍ଷା ନିରପେକ୍ଷ ଏବଂ ସଠିକ୍ ଭାବରେ ହେବା ଦରକାର, ନହେଲେ ଚାଷୀର କ୍ଷତି ଭରଣା ହୋଇପାରିବନି । ବର୍ଷକୁ ଥରେ ଧାନ ଚାଷ କରି ଯେଉଁମାନେ ଚଳନ୍ତି ସେମାନେ ନିଶ୍ଚିତ ଭାବରେ କ୍ଷତିର ସାମ୍ନା କରିବେ । ତେଣୁ କ୍ଷତିପୂରଣ କିଭଳି ଚାଷୀଙ୍କୁ ସନ୍ତୁଷ୍ଟ କରିପାରିବ ଏବଂ ପରବର୍ତ୍ତୀ ସମୟରେ ଚାଷୀ ଆଉ କେଉଁ ଚାଷ କରି ତା'ର କ୍ଷତିକୁ ଭରଣା କରିପାରିବ ଏହା ଉପରେ ସରକାର ଗୁରୁତ୍ୱ ଦେବା ଦରକାର ।

'ଚାଷ ଅଛି ଯାହାର, କି ଆନନ୍ଦ ତାହାର' ଏ ଗୀତ ଚାଷୀଙ୍କ ପାଇଁ ଉପହାସ ନହେଉ ।


# ଦେଶର ବିରଳ ନାରୀ ନେତ୍ରୀ ଇନ୍ଦିରା ଗାନ୍ଧି



ଜିଜ୍ଞାସା

ନିରଞ୍ଜନ ଶତପଥୀ

ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧିଙ୍କର ଗତ ୧୯୮୪ ମସିହା ଅକ୍ଟୋବର ମାସ ୩୦ ତାରିଖ ଥିଲା ଜୀବନର ଶେଷ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ। ଏହିଦିନ ଅପରାହ୍ନରେ ରାଜଧାନୀ ଭୁବନେଶ୍ୱରର ଇନ୍ଦିରା ଗାନ୍ଧି ପାର୍କରେ ଅନୁଷ୍ଠିତ ଏକ ସଭାରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଯୋଗଦାନ କରିଥିଲେ । ଏହି ଅବସରରେ ପ୍ରଦେଶ କଂଗ୍ରେସ ପକ୍ଷରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ସେଦିନ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଲୋକମାନେ ହଜାର ହଜାର ସଂଖ୍ୟାରେ ଆଗମନ କରି ଶ୍ରୀମତୀ ଗାନ୍ଧିଙ୍କ ଅଭିଭାଷଣ ପ୍ରବଳ ଆଗ୍ରହର ସହିତ ଶୁଣୁଥାନ୍ତି । ସେ ଓଡ଼ିଶାକୁ ପ୍ରାଣଭରି ଭଲ ପାଉଥିଲେ। ସେଦିନ ସେହି ସଭାରେ ଭାବବିହ୍ୱଳ ହୋଇ ସେ କହିଥିଲେ 'ମୋର ଶେଷରକ୍ତ ବିନ୍ଦୁ ଥିବା ପର୍ଯ୍ୟନ୍ତ ମୁଁ ଓଡ଼ିଶାର ସେବା କରିବି ।' ତାଙ୍କର ଅଭିଭାଷଣଟି ସେଠାରେ ଥିବା ସମସ୍ତ ଜନତାଙ୍କ ହୃଦୟକୁ ଛୁଇଁଯାଇଥିଲା । କରତାଳି ଧ୍ୱନୀରେ ସମଗ୍ର ସ୍ଥାନଟି ଉଚ୍ଛୁଳି ପଡ଼ିଥିଲା । ତାଙ୍କର ହୃଦୟସ୍ପର୍ଶୀ ଅଭିଭାଷଣରୁ ତାଙ୍କର ଓଡ଼ିଶା ପ୍ରୀତି ସ୍ପଷ୍ଟ ବାରି ହୋଇପଡୁଥିଲା । ଓଡ଼ିଆ ବୋହୂଙ୍କ ଚଳଣି, ସଂସ୍କାର ଓ ବେଶଭୂଷାରେ ବିଭୂଷିତା ହୋଇ ସେ ଓଡ଼ିଶା ଗସ୍ତ କରି ପ୍ରଶଂସାଭାଜନ ହୋଇପାରିଥିଲେ । ତାଙ୍କର ପ୍ରଧାନମନ୍ତ୍ରୀତ୍ୱକାଳରେ ସେ ଅନେକ ଥର ଓଡ଼ିଶା ଆସିଥିଲେ । କିନ୍ତୁ ଏହି ୧୯୮୪ ମସିହା ଅକ୍ଟୋବର ମାସ ୩୦ ତାରିଖ ଥିଲା ଓଡ଼ିଶାର ଶେଷ ଆଗମନ। ଓଡ଼ିଶା ଯାତ୍ରା ଥିଲା ତାଙ୍କ ପାଇଁ ଶେଷଯାତ୍ରା । ସେ ଓଡ଼ିଶାରୁ ପ୍ରତ୍ୟାବର୍ତ୍ତନ କରି ପରଦିନ ନିଜର ଦେହରକ୍ଷୀଙ୍କ ଗୁଳିମାଡ଼ରେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ । ଏହି ଦୁଃଖଦ ସମ୍ବାଦ ପ୍ରଚାରିତ ହେବା ପରେ ସମଗ୍ର ଓଡ଼ିଶାରେ ଗଭୀର ଶୋକର ଛାୟା ଖେଳିଯାଇଥିଲା । ଓଡ଼ିଶାର ଲୋକମାନେ ଶ୍ରୀମତୀ ଗାନ୍ଧିଙ୍କ ଓଡ଼ିଶା ଗସ୍ତରେ ଅନେକ କିଛି ଆଶା କରିଥିଲେ । ସେମାନଙ୍କର ଆଶା ଆଶାରେ ହିଁ ରହିଗଲା। ସେ ଆଜି ନାହାନ୍ତି ସତ, କିନ୍ତୁ ସେ ଯେଉଁ ଯଶ ଓ କୀର୍ତ୍ତି ସ୍ତମ୍ଭ ସ୍ଥାପନ କରିଯାଇଛନ୍ତି ତାହା ତାଙ୍କୁ ଯୁଗ ଯୁଗ ଧରି ଅମର କରି ରଖିବ ।

ବିଗତ ୧୯୧୭ ମସିହା ନଭେମ୍ବର ମାସ ୧୯ ତାରିଖ ଦିନ ଇନ୍ଦିରା ଗାନ୍ଧି ଆନନ୍ଦ ଭବନଠାରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତା ଜବାହରଲାଲ ନେହରୁ ଯେ କି ଥିଲେ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଓ ମାତା ଥିଲେ କମଳା ନେହରୁ। ପିତା ଜବାହରଲାଲ ତାଙ୍କର ନାମ ଦେଇଥିଲେ ପ୍ରିୟଦର୍ଶିନୀ। ତାଙ୍କର ପିତାମହ ମୋତିଲାଲ ଏହି କନ୍ୟାଟିର ନାମ ରଖିଥିଲେ ଇନ୍ଦିରା। ପରିଶେଷରେ ଉଭୟଙ୍କ ନାମକୁ ସଂଯୋଗ କରି ଇନ୍ଦିରା ପ୍ରିୟଦର୍ଶିନୀ ନାମ ରଖାଯାଇଥିଲା । ଇନ୍ଦିରା ର ଅର୍ଥ ହେଉଛି ଲକ୍ଷ୍ମୀ ଠାକୁରାଣୀ । ବାସ୍ତବରେ ସେ ଆମ ଦେଶର ଥିଲେ ଲକ୍ଷ୍ମୀ ସଦୃଶା। ଏହି ନବଜାତ କନ୍ୟା ଇନ୍ଦିରା ପାଇଁ ଜବାହରଙ୍କର ମାତା ସ୍ୱରୂପାରାଣୀ ଅତିଶୟ ଦୁଃଖିତା ଥିଲେ । କାରଣ ସେ ନାତିଟିଏ ଚାହୁଁଥିଲେ, କିନ୍ତୁ ତାହା ନହୋଇ ନାତୁଣୀଟିଏ ହେଲା । ଜେଜେବାପା ଖୁବ୍ ଖୁସିଥିଲେ । ସେ କହୁଥିଲେ ଇନ୍ଦିରା ହଜାର ହଜାର ପୁଅକୁ ଟପିଯିବ। ତାଙ୍କର ଏହି ଭାବନା ବାସ୍ତବରେ ସତ୍ୟରେ ପରିଣତ ହେଲା । ଏହି ଭାରତମାାର ସୁଯୋଗ୍ୟ ସନ୍ତାନ ତଥା ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ଏକମାତ୍ର ଅଲିଅଳ କନ୍ୟା ଇନ୍ଦିରା ଗାନ୍ଧି। ସ୍ୱାଧୀନତା ସଂଗ୍ରାମର ଅଗ୍ରସାରଥୀ ତଥା ଜାତିର ଜନକ ମହାତ୍ମା ଗାନ୍ଧିଙ୍କର ପ୍ରକୃତ ଦାୟାଦ ଭାବେ ଜବାହରଲାଲ ନେହରୁ ପରିଗଣିତ ଥିଲେ । ଇନ୍ଦିରା ଗାନ୍ଧିଙ୍କ ଜନ୍ମ ସମୟ ଥିଲା ଦେଶର ଏକ ଘଡ଼ିସନ୍ଧି ସମୟ। ସେ ସମୟରେ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଥାଏ । ଜାତିର ଜନକ ମହାତ୍ମା ଗାନ୍ଧି ୧୯୧୫ ମସିହାରେ ଦକ୍ଷିଣ ଆଫ୍ରିକା ପରିତ୍ୟାଗ କରି ସ୍ୱଦେଶକୁ ବ୍ରିଟିଶ ସରକାରରୁ ମୁକ୍ତ କରିବା ପାଇଁ ଉଦ୍ୟମ ଚଳାଉଥିଲେ । ଇନ୍ଦିରା ଗାନ୍ଧି ପିତା ଜବହରଲାଲ ନେହରୁଙ୍କ ସହିତ ପିଲାଟି ଦିନରୁ ବିଭିନ୍ନ ସ୍ଥାନକୁ ଯାଉଥିଲେ । ଇନ୍ଦିରା ଗାନ୍ଧିଙ୍କୁ ଯେତେବେଳେ ୧୨ ବର୍ଷ ହୋଇଥିଲା ସେତେବେଳେ ଲାହୋରଠାରେ ଜାତୀୟ କଂଗ୍ରେସର ଏକ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏହି ଅଧିବେଶନରେ ଜବାହରଲାଲ ନେହରୁ ଅଧକ୍ଷତା କରିଥିଲେ । ପିତାଙ୍କ ସହିତ ଇନ୍ଦିରା ଗାନ୍ଧି ମଧ୍ୟ ସେଠାକୁ ଯାଇଥିଲେ । ସେଦିନ ସେଠାରେ ଇନ୍ଦିରା ଗାନ୍ଧି ପ୍ରସ୍ତୁତ ଏକ ପ୍ରତିଜ୍ଞାପତ୍ର ପାଠ କରି ସମସ୍ତଙ୍କର ପ୍ରଶଂସାଭାଜନ ହୋଇପାରିଥିଲେ । ସେ ଦେଶ ସେବା ନିମନ୍ତେ ଆଗ୍ରହ ପ୍ରକାଶ କରି ଏ ସମ୍ପର୍କରେ ପିତାମାତାଙ୍କଠାରୁ ଶିକ୍ଷାଲାଭ କରିଥିଲେ । ସେ ଜଣେ ସୃଜନଶୀଳ ଶକ୍ତିର ଅଧିକାରିଣୀ ଥିଲେ । ପାଠପଢ଼ା ସମୟରୁ ସେ କିଛି କିଛି ଲେଖାଲେଖି କରୁଥିଲେ । ଯେତେବେଳେ ମହାତ୍ମା ଗାନ୍ଧି ବରୋଦା ଜେଲ୍‌ରେ ଥିଲେ ସେତେବେଳେ ସେ ଶୁଣିବାକୁ ପାଇଲେ ଯେ ଇଂରେଜ ସରକାର ହରିଜନମାନଙ୍କ ପାଇଁ ଅଲଗା ନିର୍ବାଚନ କରିବାକୁ ଯାଉଛନ୍ତି । ତେଣୁ ସେ ଜେଲ୍‌ରେ ଏହାର ପ୍ରତିବାଦ କରି ଅନଶନ ଆରମ୍ଭ କରିଥିଲେ । ଏ ବିଷୟ ବିଭିନ୍ନ ପତ୍ରପତ୍ରିକାମାନଙ୍କରେ ପ୍ରକାଶ ପାଇବା ପରେ ଇନ୍ଦିରା ଗାନ୍ଧି ତାଙ୍କ ସହପାଠିନୀମାନଙ୍କ ସହିତ ବରୋଦା ଜେଲ୍‌ଖାନାକୁ ଯାଇ ମହାତ୍ମା ଗାନ୍ଧିଙ୍କୁ ଦେଖାକରି ସମସ୍ତ ବିଷୟ ଅବଗତ ହୋଇ ଏକ ସୁନ୍ଦର ଲେଖାଟିଏ ଲେଖି ପୁନାଠାରେ ହେଉଥିବା ପ୍ରାର୍ଥନା ସଭାରେ ନିଜେ ପାଠ କରି ସମସ୍ତଙ୍କୁ ଶୁଣାଇ ଦେଇଥିଲେ । ସେହିଦିନଠାରୁ ତାଙ୍କର ଛୁଆଁ ଅଛୁଆଁ ଭେଦଭାବ ତାଙ୍କ ହୃଦୟରୁ ସବୁଦିନ ପାଇଁ ବିଦୂରିତ ହୋଇ ଦେଶପ୍ରୀତି ଜାଗ୍ରତ ହୋଇଥିଲା । ମୁମ୍ବାଇ ବିଶ୍ୱବିଦ୍ୟାଳୟରୁ ମାଟ୍ରିକ୍ୟୁଲେସନ ପଢ଼ା ସମାପ୍ତ ପରେ ଇନ୍ଦିରା ଗାନ୍ଧି ଶାନ୍ତିନିକେତନରେ ଉଚ୍ଚ ଶିକ୍ଷା ଲାଭ ନିମିତ୍ତ ନାମ ଲେଖାଇ ଅଧ୍ୟୟନ କଲେ। ଏହି ଇତ୍ୟବର୍ଶରେ ମାତା କମଳା ଦେବୀ ଅସୁସ୍ଥ ହୋଇପଡ଼ିବାରୁ ଚିକିତ୍ସା ନିମନ୍ତେ ତାଙ୍କୁ ଜର୍ମାନୀ ନେଇଯାଇଥିଲେ । ତାଙ୍କ ସହିତ ଇନ୍ଦିରା ଗାନ୍ଧି ମଧ୍ୟ ସଙ୍ଗରେ ଯାଇଥିଲେ । ସେଠାରେ ଇନ୍ଦିରା ଗାନ୍ଧିଙ୍କ ସହିତ ଫିରୋଜ ଗାନ୍ଧିଙ୍କର ପରିଚୟ ହୋଇଥିଲା । ଶେଷରେ ୧୯୩୬ ମସିହା ଫେବୃଆରୀ ୨୮ ତାରିଖ ଦିନ ଡାକ୍ତରମାନଙ୍କର ସମସ୍ତ ଚେଷ୍ଟା ସତ୍ତ୍ୱେ ମାତା କମଳା ନେହରୁ ସେଠାରେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ ।

ଶାନ୍ତିନିକେତନରେ ଇନ୍ଦିରା ଗାନ୍ଧି ଅଧ୍ୟୟନ କରିବା ସମୟରେ ନିଜର ପାଠପଢ଼ା ସହିତ ନୃତ୍ୟ ଓ ସଂଗୀତ ଶିକ୍ଷା କଲେ। ପରେ ସେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇ ଅଧ୍ୟୟନ କଲେ। ସେଠାରେ ସେ ବିଭିନ୍ନ ଦେଶର ଲୋକମାନଙ୍କ ସହିତ ମିଶି ଅନେକ କଥା ଜାଣିଲେ। ୧୯୪୦ ମସିହାରେ ଜବାହରଲାଲ ନେହରୁ ଗୋରଖପୁରଠାରେ ଇଂରେଜ ସରକାରଙ୍କ ବିରୋଧରେ ଏକ ଉତ୍ତେଜନାପୂର୍ଣ୍ଣ ଭାଷଣ ଦେଇ ଚାରିବର୍ଷ ପାଇଁ ଜେଲ୍ ଦଣ୍ଡାଦେଶରେ ଦଣ୍ଡିତ ହେଲେ । ସେ ଗୋରଖପୁରରୁ ଡେରାଡୁନ ଜେଲ୍‌କୁ ସ୍ଥାନାନ୍ତରିତ ହେଲେ । ସେତେବେଳେ ତାଙ୍କର ଏକମାତ୍ର କନ୍ୟା ଇନ୍ଦିରା ଗାନ୍ଧି ସେଠାକୁ ଯାଇ ପିତାଙ୍କୁ ସାକ୍ଷାତ କରି ତାଙ୍କ କଥା ବୁଝାବୁଝି କରୁଥିଲେ । ୧୯୪୨ ମସିହା ମାର୍ଚ୍ଚ ୨୬ ତାରିଖ ଦିନ ଇନ୍ଦିରା ଗାନ୍ଧିଙ୍କର ସହିତ ଫରୋଜ ଗାନ୍ଧିଙ୍କର ବିବାହ ହୋଇଥିଲା । ଇନ୍ଦିରା ଗାନ୍ଧି ବିବାହ କରିବା ପରେ ନୀରବରେ ବସି ରହିନଥିଲେ । ମହାତ୍ମା ଗାନ୍ଧିଙ୍କ ନେତୃତ୍ୱରେ ସମଗ୍ର ଦେଶରେ ଚାଲୁଥିବା ସ୍ୱାଧୀନତା ଆନ୍ଦୋଳନରେ ଭାଗ ନେଇ କାରାବରଣ କରିଥିଲେ । ଏହାପରେ ୧୯୪୪ ଅଗଷ୍ଟ ମାସ ୨୦ ତାରିଖ ଦିନ ଇନ୍ଦିରା ଗାନ୍ଧିଙ୍କର ଏକ ପୁତ୍ର ସନ୍ତାନ ଜାତ ହୋଇଥିଲା। ଯାହାଙ୍କ ନାମ ରଖାଯାଇଥିଲା ରାଜୀବ ଗାନ୍ଧି। ଏହାର ଦୁଇବର୍ଷ ପରେ ଅର୍ଥାତ ୧୯୪୬ ମସିହା ଡିସେମ୍ବର ୧୪ ତାରିଖ ଦିନ ତାଙ୍କର ଦ୍ୱିତୀୟ ସନ୍ତାନ ସଞ୍ଜୟ ଗାନ୍ଧୀ ଜନ୍ମଗ୍ରହଣ କରିଥିଲେ । ଇତ୍ୟବସରରେ ଇନ୍ଦିରା ଗାନ୍ଧି କଂଗ୍ରେସ ଦଳର ସଭାନେତ୍ରୀ ପଦବୀ ଅଳଂକୃତ କରି ଦଳକୁ ଆହୁରି ଅଧିକ ସୁଦୃଢ଼ କରିବା ପାଇଁ ଉଦ୍ୟମ ଚଳାଇଥିଲେ । ମହାତ୍ମା ଗାନ୍ଧି ଇନ୍ଦିରା ଗାନ୍ଧିଙ୍କୁ ଅଧିକ ସ୍ନେହ କରୁଥିଲେ । ଇନ୍ଦିରା ଗାନ୍ଧି ଦେଶ ସେବା ଓ ଦଳୀୟ କାର୍ଯ୍ୟ ପରିଚାଳନା କରୁଥିବା ବେଳେ ୧୯୬୧ ମସିହା ସେପ୍ଟେମ୍ବର ମାସ ୮ ତାରିଖ ଦିନ ସ୍ୱାମୀ ଫିରୋଜ ଗାନ୍ଧି ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ । ଇନ୍ଦିରା ଗାନ୍ଧି ଶୋକରେ ମ୍ରିୟମାଣ ହୋଇପଡ଼ିଲେ।

ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ତଥା ଇନ୍ଦିରା ଗାନ୍ଧିଙ୍କ ପିତା ପଣ୍ଡିତ ଜବାହରଲାଲ ନେହରୁଙ୍କ ମୃତ୍ୟୁ ୧୯୬୪ ମସିହା ମେ ୨୭ ତାରିଖ ଦିନ ହେବା ପରେ ଦେଶର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ପଦ କିଏ ଅଳଂକୃତ କରିବ ଭାଳେଣି ପଡ଼ିଲା । ଗୁଲଜାରିଲାଲ ନନ୍ଦା କିଛିଦିନ ପାଇଁ କାର୍ଯ୍ୟନିର୍ବାହୀ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ପରବର୍ତ୍ତୀ ସମୟରେ ଲାଲବାହାଦୂର ଶାସ୍ତ୍ରୀ ଦେଶର ପ୍ରଧାନମନ୍ତ୍ରୀ ପଦ ଗ୍ରହଣ କରିଥିଲେ । ସେତେବେଳେ ଇନ୍ଦିରା ଗାନ୍ଧି ତାଙ୍କ ମନ୍ତ୍ରିମଣ୍ଡଳରେ ସୂଚନା ଓ ସଂପ୍ରସାରଣ ମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ । ୧୯୬୫ ମସିହାରେ ଭାରତ-ପାକିସ୍ତାନ ଯୁଦ୍ଧ ହୋଇଥିଲା । ଏହି ଯୁଦ୍ଧରେ ଇନ୍ଦିରା ଗାନ୍ଧି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ୧୯୬୬ ମସିହା ଜାନୁଆରୀ ୧୦ ତାରିଖ ଦିନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କର ଆକସ୍ମିତ ବିୟୋଗ ଘଟିଲା। ତାଙ୍କ ବିୟୋଗ ପରେ ୧୯୬୬ ମସିହା ଜାନୁଆରୀ ମାସ ୨୪ ତାରିଖ ଦିନ ଶ୍ରୀମତୀ ଇନ୍ଦିରା ଗାନ୍ଧି ଭାରତର ପ୍ରଧାନମନ୍ତ୍ରୀ ପଦବୀ ଗ୍ରହଣ ଗ୍ରହଣ କରିଥିଲେ । ଏହି ସମୟରେ ସେ ପଞ୍ଜାବକୁ ଖଲିସ୍ଥାନ ନାମକ ଏକ ନୂତନ ଦେଶ ଗଠନ ନକରି ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପ୍ରଦାନ କରିଥିଲେ । ପାକିସ୍ତାନ ପଞ୍ଜାବକୁ ଭାରତଠାରୁ ଅଲଗା କରି ଏକ ଖଲିସ୍ଥାନ ରାଷ୍ଟ୍ର ଗଠନ କରିବାକୁ ଏକ ହୀନ ଉଦ୍ୟମ ଆରମ୍ଭ କରିଥିଲା । ପ୍ରଧାନମନ୍ତ୍ରୀ ଭାବରେ ସେ ଭାରତକୁ ପ୍ରଗତିପଥରେ ଆଗେଇ ନେବାକୁ ଉଦ୍ୟମ କରି ସଫଳ ହୋଇଥିଲେ । ସେ ୧୪ଟି ବଡ଼ ବଡ଼ ବ୍ୟାଙ୍କକୁ ଗତ ୧୯୬୯ ମସିହା ଜୁଲାଇ ୧୯ ତାରିଖ ଦିନ ଜାତୀୟକରଣ କରିଥିଲେ । ସ୍ୱତନ୍ତ୍ର ବଙ୍ଗଳା ଦେଶ ଗଠନରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ସେ ପୃଥିବୀରେ ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ କରି ପ୍ରଶଂସିତ ହୋଇଥିଲେ । ୧୯୭୧ ମସିହା ଡିସେମ୍ବର ୧୮ ତାରିଖ ଦିନ ଭାରତରତ୍ନ ଉପାଧିରେ ବିଭୂଷିତ ହୋଇଥିଲେ । ୧୯୭୭ ମସିହା ଲୋକସଭା ନିର୍ବାଚନରେ କଂଗ୍ରେସ ପରାଜୟବରଣ କରିଥିଲା । ପରବର୍ତ୍ତୀ ୧୯୮୦ ନିର୍ବାଚନରେ କଂଗ୍ରେସର ବିଜୟ ଘଟିଲା ଓ ଶ୍ରୀମତୀ ଇନ୍ଦିରା ଗାନ୍ଧି ପୁନର୍ବାର ଭାରତର ପ୍ରଧାନମନ୍ତ୍ରୀ ପଦରେ ଅଳଂକୃତ ହେଲେ । ମୋଟ ୧୫ ବର୍ଷ କାଳ ଭାରତର ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରି ଦେଶରେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ପରିବହନ, ଜଳସେଚନ ଇତ୍ୟାଦି ପ୍ରତ୍ୟେକ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରି ଭାରତକୁ ଏକ ମହାନ ତଥା ଶକ୍ତିଶାଳୀ ଦେଶରେ ପରିଣତ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । ଦେଶରୁ ଦାରିଦ୍ର ଦୂରୀକରଣ ତାଙ୍କର ଥିଲା ପ୍ରଧାନ ଲକ୍ଷ୍ୟ। ସେଥିପାଇଁ ସେ ବିଭିନ୍ନ ଯୋଜନା ପ୍ରଣୟନ କରିଥିଲେ । ଓଡ଼ିଶାର ଉନ୍ନତି ଥିଲା ତାଙ୍କର ଲକ୍ଷ୍ୟ। ସେ ଆଦିବାସୀ ଅଞ୍ଚଳ ପରିଦର୍ଶନ କରି ସେମାନଙ୍କ ଉନ୍ନତି ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଥିଲେ । ଓଡ଼ିଶା ଗସ୍ତର ପରଦିନ ଅର୍ଥାତ୍ ୧୯୮୪ ମସିହା ଅକ୍ଟୋବର ୩୧ ତାରିଖ ଦିନ ନିଜ ବାସଭବନରୁ କାର୍ଯ୍ୟାଳୟକୁ ଯାଉଥିବା ବେଳେ ନିଜର ସୁରକ୍ଷାକର୍ମୀଙ୍କ ଗୁଳିମାଡ଼ରେ ଇନ୍ଦିରା ଗାନ୍ଧି ଟଳିପଡ଼ିଥିଲେ । ଗୋଟିଏ ସମୟରେ ଲଗାତର ଭାବେ ୨୨ଟି ଗୁଳି ତାଙ୍କ ଦେହରେ ବାଜିଥିଲା । ୧୯୮୪ ମସିହା ନଭେମ୍ବର ୩ ତାରିଖ ଦିନ ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହିତ ଶାନ୍ତିବନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସେ ଥିଲେ ଦେଶର ବିରଳ ନାରୀନେତ୍ରୀ।


*କୁରୁଣ୍ଡି, ରାଜନଗର, କେନ୍ଦ୍ରାପଡ଼ା*
*ମୋ. ୮୯୧୭୨୧୩୦୭୩*


# ଅଁଳା ନବମୀ ଓ ଶ୍ରୀ ରାଧାପାଦ ଦର୍ଶନ

■ ଡା. ବିଚିତ୍ରାନନ୍ଦ ଆଚାର୍ଯ୍ୟ ■

କାର୍ତ୍ତିକ ମାସ ଶୁକ୍ଳପକ୍ଷ ନବମୀ ତିଥିକୁ ଅଁଳା ନବମୀ ଭାବେ ପାଳନ କରାଯାଇଥାଏ । ଅଁଳାକୁ ହିନ୍ଦୁଧର୍ମରେ ଏକ ପବିତ୍ର ଦ୍ରବ୍ୟର ମାନ୍ୟତା ଦିଆଯାଇଛି । ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ତ୍ରିଦେବଙ୍କ ଅତିପ୍ରିୟ ବୋଲି ପୁରାଣରେ ବର୍ଣ୍ଣନା ରହିଛି । ଆୟୁର୍ବେଦ ଚିକିତ୍ସା ପଦ୍ଧତିରେ ଅଁଳା ଏକ ଗୁରୁତ୍ୱପୂର୍ଣ୍ଣ ଔଷଧୀୟ ମାନ୍ୟତା ପାଇଛି । ଅଁଳାକୁ ସଂସ୍କୃତରେ ତିଷ୍ୟଭଳା, ଅମୃତା, ବୟସ୍କା, କାୟସ୍ଥା, ଶ୍ରୀଫଳା, ଧାତ୍ରିକା, ଶିବ, ଶାନ୍ତା, ଧାତ୍ରୀ, ବୃଷ୍ୟା, ବୃତଫଳ, ରୋଚନୀ, କର୍ଷଫଳା ଆଦି କୁହାଯାଇଥାଏ । ସାଧାରଣତଃ କାର୍ତ୍ତିକ ବ୍ରତ କରୁଥିବା ହବିଷ୍ୟାଳୀମାନେ ଭଗବାନ ବିଷ୍ଣୁଙ୍କ ପ୍ରତୀମାକୁ ଅଁଳା ବାଟରେ ସ୍ନାନ କରାଇଥାନ୍ତି । ମହିଳାମାନେ ଦିନଯାକ ଉପବାସ କରିଥାନ୍ତି । ସେମାନେ ଅଁଳା ଗଛ ତଳେ ଭୋଗ ପ୍ରସ୍ତୁତ କରି ପ୍ରଭୁଙ୍କୁ ଅର୍ପଣ କରିଥାନ୍ତି । ଏହାପରେ ସେମାନେ ଅଁଳା ଗଛ ଚାରିପାଖେ ବୁଲି ପୂଜାର୍ଚ୍ଚନା କରିଥାନ୍ତି । ଅଁଳା ନବମୀରୁ କାର୍ତ୍ତିକ ଶେଷ ଯାଏ ଅଁଳା ବଟା ବୋଳି ହୋଇ ସ୍ନାନ କରିବା ଏକ ଓଡ଼ିଆ ପରମ୍ପରା ।

ଅଁଳା ବୃକ୍ଷର ଉତ୍ପତ୍ତିକୁ ନେଇ ଏକ କିମ୍ବଦନ୍ତୀ ରହିଛି । ଥରେ ଅଁଳା ବୃକ୍ଷର ଉତ୍ପି ସମ୍ପର୍କରେ ଏକ କିମ୍ବଦନ୍ତୀ ରହିଛି ଥରେ ଲକ୍ଷ୍ମୀ ଓ ଭଗବତୀ ହରିଙ୍କୁ କୌଣସି ଏକ ନୂଆ ଦ୍ରବ୍ୟ ଦେବା ପାଇଁ ମନସ୍ଥ କଲେ । କ'ଣ ଦେବେ ଭାବୁ ଭାବୁ ଦୁହିଁଙ୍କ ଆଖିରୁ ଏକ ସଙ୍ଗେ ଲୁହ ବୋହି ଚାଲିଲା । ସେହି ଆନନ୍ଦାଶ୍ରୁ ଭୂଇଁରେ ପଡ଼ି ଅଁଳା ଗଛ ସୃଷ୍ଟି ହୋଇଥିଲା । ଅନ୍ୟ ଏକ କିମ୍ବଦନ୍ତୀ ଅନୁଯାୟୀ, ଦିନେ ଲକ୍ଷ୍ମୀ ଓ ପାର୍ବତୀ ଏକତ୍ର ବନସ୍ତରେ ନିଜ ନିଜ ପତିଙ୍କ ପାଇଁ ପୂଜାପାଠ କରିବାକୁ ମନସ୍ତ କଲେ । ହେଲେ ପାର୍ବତୀଙ୍କ ପାଖରେ ବେଲପତ୍ର କି ଲକ୍ଷ୍ମୀଙ୍କ ନିକଟରେ ତୁଳସୀ ନଥିଲା । ଦୁହେଁ ଭାବନାରେ ପଡ଼ିଗଲେ । ଠିକ୍ ସେତିକିବେଳେ ନାରଦ ମୁନି ସେଠାରେ ପହଞ୍ଚି ସେମାନଙ୍କ ସମସ୍ୟା କଥା ଶୁଣିଲେ । ଅଁଳା, ବିଲ୍ୱ ଓ ତୁଳସୀର ସମାହାର ବୋଲି ନାରଦ ସେମାନଙ୍କୁ କହିଥିଲେ । ଏହାପରେ ଦୁହେଁ ଅଁଳା ଗଛ ନିକଟରେ ପୂଜା କାର୍ଯ୍ୟ କଲେ ।

ରାଜା ଉନମାଧବ ଯମୁନା ନଦୀକୂଳରୁ ଆଣିଥିବା ଶ୍ରୀକୃଷ୍ଣଙ୍କ ମଣିବିଗ୍ରହ ସାକ୍ଷାତ ମୂର୍ତ୍ତି ଭାବେ ବୃନ୍ଦାବନରେ ଅଧିଷ୍ଠିତ ହୋଇଥିଲେ । ପରର୍ବୀ ସମୟରେ ଏହି ମଣିବିଗ୍ରହ ବୃନ୍ଦାବନରୁ କାଞ୍ଚିର ଜଣେ ଶ୍ରୀବତ୍ସ ବ୍ରାହ୍ମଣ ପାଇଁ ସାକ୍ଷୀ ଦେବା ପାଇଁ ଆସି କାଞ୍ଚିରେ ରହି ଆଉ ବୃନ୍ଦାବନ ଫେରିଲେ ନାହିଁ ଓ ସାକ୍ଷୀଗୋପାଳ ନାମରେ ପୂଜା ପାଇଲେ । ଓଡ଼ିଶାର ରାଜା ଶ୍ରୀ ପୁରୁଷୋତ୍ତମ ଦେବ କାଞ୍ଚି ବିଜୟ ପରେ ପ୍ରଭୁ ଶ୍ରୀସାକ୍ଷୀଗୋପାଳଙ୍କୁ ପୁରୀ ନେଇ ଆସିଥିଲେ । ପ୍ରଥମେ ଏହି ମଣିବିଗ୍ରହ ପୁରୀ ଶ୍ରୀମନ୍ଦିରର ଭୋଗମଣ୍ଡପରେ ରହିଥିଲେ । ପରେ ସ୍ୱପ୍ନାଦେଶ କ୍ରମେ ପୁରୀ ଠାରୁ ୧୫ ମାଇଲ ଦୂର ବ୍ରାହ୍ମଣ ଶାସନର କେନ୍ଦ୍ରସ୍ଥଳ ପୁଣ୍ୟତୋୟା ରତ୍ନଚିରା ନଦୀ ତୀରବର୍ତ୍ତୀ ଛୁରିଅନା, ବକୁଳ, ତମାଳ, କେତକୀ ଓ ନାରିକେଳ ବୃକ୍ଷ ପରିପୂର୍ଣ୍ଣ ପ୍ରାକୃତିକ ବନରେ ସାକ୍ଷୀଗୋପାଳ ସ୍ଥାପିତ ହୋଇଥିଲେ । ସାକ୍ଷୀଗୋପାଳ ରହିଥିବାରୁ ସେହି ସ୍ଥାନଟି ସାକ୍ଷୀଗୋପାଳ ନାମରେ ନାମିତ ହେଲା । ସମୟକ୍ରମେ ଶ୍ରୀକୃଷ୍ଣଙ୍କ ପ୍ରିୟା ଶ୍ରୀରାଧା ସାକ୍ଷୀଗୋପାଳ ବଡ଼ପଣ୍ଡ ବେଲେଶ୍ୱର ମହାପାତ୍ରଙ୍କ ଘରେ ମାନବୀ ପ୍ରିୟା ଲକ୍ଷ୍ମୀ ରୂପରେ ଜନ୍ମ ନେଲେ ।

ପ୍ରଭୁ ସାକ୍ଷୀଗୋପାଳ ପ୍ରତି ରାତ୍ରର ତୃତୀୟ ପ୍ରହରରେ ମନ୍ଦିର ଛାଡ଼ି ଆସି ଗୁପ୍ତ ବୃନ୍ଦାବନ ରୂପେ ପରିଚିତ ବକୁଳବନରେ ଲକ୍ଷ୍ମୀଙ୍କ ସହ କେଳି କରନ୍ତି ଅଧିକାଂଶ ସମୟରେ ପ୍ରଭୁଙ୍କ ବଂଶୀ, ରାତ୍ର ପିନ୍ଧା ବସନ, ଚୂଳ ଆଦି ଲକ୍ଷ୍ମୀଙ୍କ ଶୟନ ଶେଯରୁ ମିଳିବାରୁ ରାଜା ବଡ଼ପଣ୍ଡାଙ୍କୁ ଚୋରା କହି ନିର୍ଯାତନା ଦେଲେ । ହେଲେ ଭକ୍ତବତ୍ସଳ ଭଗବାନ ଏହା ଜାଣିପାରି ରାଜାଙ୍କୁ ସ୍ୱପ୍ନାଦେଶ କଲେ । ତୁରନ୍ତ ଲକ୍ଷ୍ମୀଙ୍କ ପରି ଏକ ସୁବର୍ଣ୍ଣ ପ୍ରତିମା ଶୀଘ୍ର ନିର୍ମାଣ କରାଇବା ପାଇଁ ରାଜାଙ୍କୁ କହିଲେ । ରାଜା ଗଡ଼ଜାତ ରଣପୁର ଅଞ୍ଚଳରୁ କେତେକ କୁଶଳୀ କାରିଗର ଆଣି ଲକ୍ଷ୍ମୀଙ୍କ ଏକ ସୁବର୍ଣ୍ଣ ମୂର୍ତ୍ତି ନିର୍ମାଣ କରାଇଲେ । ମୂର୍ତ୍ତି ନିର୍ମାଣ ଆରମ୍ଭ ହେବା ଦିନରୁ ଲକ୍ଷ୍ମୀ ରୋଗରେ ଶଯ୍ୟାଶାୟୀ ହେଲେ । ମୂର୍ତ୍ତିର ଜୀବନ୍ୟାସ ଦିଆଯିବା ସମୟରେ ଲକ୍ଷ୍ମୀ ଇହଲୀଳା ସମ୍ବରଣ କଲେ । ପ୍ରଭୁ ସାକ୍ଷୀଗୋପାଳଙ୍କ ଇଚ୍ଛା ଅନୁଯାୟୀ ଲକ୍ଷ୍ମୀଙ୍କ ମରଶରୀରକୁ ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ସଂସ୍କାର କରାଯାଇଥିଲା । ଠାକୁର ପଶ୍ଚିମାଞ୍ଚଳବାସୀ ହୋଇଥିବାରୁ ଅନ୍ନପ୍ରସାଦ ପରିବର୍ତ୍ତେ ଗହମ ଜାତ ସାମଗ୍ରୀ ଭୋଗ କରାଗଲା । ପଶ୍ଚିମାଞ୍ଚଳ ମହିଳାଙ୍କ ପରି ମା'ଲକ୍ଷ୍ମୀ ବା ଶ୍ରୀରାଧାଙ୍କୁ ପଶ୍ଚିମାଞ୍ଚଳ ମହିଳାଙ୍କ ପରି ପିନ୍ଧା ଶାଢ଼ି ଦ୍ୱାରା ତାଙ୍କ ପାଦପଦ୍ମ ବର୍ଷସାରା ଘୋଡ଼ି ହୋଇ ରହିଲା । ତେବେ ମା'ଙ୍କୁ ବର୍ଷକେ ଥରେ ଓଡ଼ିଆଣୀ ଭାବେ ବେଶ କରିବା ଲାଗି କାର୍ତ୍ତିକ ମାସ ଶୁକ୍ଳପକ୍ଷ ନବମୀ ତିଥିରେ ଠାକୁରାଣୀ କାଣିଆ କଚ୍ଛା ମାରି ଶାଢ଼ି ପିନ୍ଧନ୍ତି । ଫଳରେ ତାଙ୍କ ପାଦଯୋଡ଼ି ଦେଖାଯାଇଥାଏ । ଭକ୍ତମାନେ ଶ୍ରୀରାଧାଙ୍କ ପାଦପଦ୍ମ ଦର୍ଶନ କରିବାର ସୁଯୋଗ ପାଇଥାନ୍ତି । ଏହାକୁ ରାଧାପାଦ ଦର୍ଶନ କୁହାଯାଏ । ଏହିଦିନ ଗୋପାଳଙ୍କୁ ଚନ୍ଦନ ଚର୍ଚ୍ଚିତ କରାଯାଇ ମସ୍ତକରେ ସ୍ୱର୍ଣ୍ଣ କିରୀଟ, ହାତରେ ସୁବର୍ଣ୍ଣ ବଂଶୀ ସାଙ୍ଗକୁ ନଟବର ବେଶରେ ଏବଂ ରାଧାଙ୍କୁ ଖଣ୍ଡୁଆ ପାଟବସ୍ତ୍ର ସହ କିରୀଟ, ପାଉଁଜି, ଝୁମ୍ପିଆ, କୁଣ୍ଡଳ, ଚାପସରି ସେବତୀ ହାର, ନୋଥ, ଗୁଣା ଏବଂ ଅଁଳା ହାର ଲାଗି କରାଯାଏ । ଦେବୀ ଶ୍ରୀରାଧାଙ୍କ ପାଦ ଦର୍ଶନ ନିମିତ୍ତ ଓଡ଼ିଶା ଓ ଓଡ଼ିଶା ବାହାରୁ ଲକ୍ଷାଧିକ ଭକ୍ତଙ୍କ ଜନସମାଗମ ହୋଇଥାଏ ।


*ବିଭବ, ଆଚାର୍ଯ୍ୟ କଲୋନୀ,*
*ବାଲିଗୁଡ଼ା, କନ୍ଧମାଳ*
*ମୋ: ୯୪୩୭୨୪୨୩୧୭*


# ସମାନ ହାରରେ ଦରମା, ମହଙ୍ଗାଭତ୍ତା ଓ ପେନସନ କାହିଁକି ମିଳିବ ନାହିଁ?



ଦୁନିଆର ହାଲ୍

ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି

ବଡ଼ ଶିର୍ଷକ । କିନ୍ତୁ ସେପରି କଥାଟି ନଲେଖିଲେ କେହି ହୃଦୟକୁ ନେବେ ନାହିଁ । ରାଜ୍ୟରେ ୪୮୮ ବର୍ଗର ସାହାଯ୍ୟପ୍ରାପ୍ତ ଅନୁଷ୍ଠାନ ବେସରକାରୀ କଲେଜ ଓ ୬୬୨ ଅଣସାହାଯ୍ୟ ପ୍ରାପ୍ତ, (କେତେକାଂଶରେ ସାହାଯ୍ୟପ୍ରାପ୍ତ) କଲେଜମାନ ଅଛି । ସେଠି ଅଧ୍ୟକ୍ଷଙ୍କଠାରୁ ଆରମ୍ଭକରି ସାହାଯ୍ୟକାରୀ କର୍ମଚାରୀ ଶେଷ ପର୍ଯ୍ୟନ୍ତ କାମ କରୁଛନ୍ତି । ସମସ୍ତଙ୍କୁ ଦରମା, ମହଙ୍ଗା ଭତ୍ତା ଓ ପେନସନ ଠିକ ମିଳୁନାହିଁ । ସେମାନଙ୍କର ବର୍ଗୀକରଣ ଏପରି ହୋଇଛି ଯେ କିଏ ଦରମା ପାଉଛନ୍ତି, କିଏ ନ ପାଉଛନ୍ତି ଏକଥା ନିର୍ଦ୍ଦିଷ୍ଟ ଭାବରେ କହିହେବ ନାହିଁ । ଏହା ଏବକାର ସମସ୍ୟା ନୁହେଁ, ବର୍ଷ ବର୍ଷ ଧରି ଏ ସମସ୍ୟାଟି ସମ୍ମୁଖକୁ ଆସୁଛି । ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦିଆଯାଉଛି, କିନ୍ତୁ ସମାଧାନ ହେଉନାହିଁ ।

ଏଇ ଅନୁଷ୍ଠାନର କେତେକ ୟୁଜିସି ହାରରେ ସଂପୂର୍ଣ୍ଣ ଦରମା ଓ ପେନସନ ପାଉଛନ୍ତି । ଅନେକ ୟୁଜିସି ହାରରେ ଦରମା ପାଉନାହାନ୍ତି । କିନ୍ତୁ ରାଜ୍ୟ ସରକାରଙ୍କର ଦରମା ହାରରେ ଦରମା ପାଉଛନ୍ତି । କିନ୍ତୁ ଯେଉଁମାନଙ୍କୁ ଦରମା ମିଳୁନାହିଁ, ତାଙ୍କୁ ଗୋଟିଏ ନୂତନ ବର୍ଗରେ ରଖାଯାଇଛି । ବ୍ଲକଗ୍ରାଣ୍ଟ ଅନୁଦାନ ପ୍ରାପ୍ତ କର୍ମଚାରୀ, ଯେଉଁମାନେ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଦରମାର କିଛି ଅଂଶ ପାଉଛନ୍ତି । ମହଙ୍ଗାଭତ୍ତା ମିଳୁନାହିଁ, ଏବେ କେତେକାଂଶରେ ମିଳୁଛି । ଆଉ ଅନ୍ୟମାନେ ପରିଚାଳନା ସମିତି ଅଧିନରେ ଅଛନ୍ତି । ପରିଚାଳନା ସମିତି ଯେତିକି ଚାହିଁଛି, ସେଇତିକି ଦେଇ ସେମାନଙ୍କୁ ନିୟୋଜିତକରି କାମ ଚଳାଉଛି । ପୁନଶ୍ଚ ତାଙ୍କ ପାଇଁ ପଦପଦବୀ ସୃଷ୍ଟି ହୋଇପାରୁ ନାହିଁ । ୩/୪ ପ୍ରକାରର ୟାର୍ଡଷ୍ଟିକ ପ୍ରବର୍ତ୍ତିତ କରାଯାଇଛି । ସେସବୁ ୟାର୍ଡଷ୍ଟିକ ଏପରି ହୋଇଛି ଯେ ଯେତେକ ପଦପଦବୀର ଆବଶ୍ୟକତା ଅଛି, ତାହା ସୃଷ୍ଟି ହୁଏ ନାହିଁ । ଏମାନେ ତ ପେନସନ ପାଆନ୍ତି ନାହିଁ ଏବଂ ବ୍ଲକଗ୍ରାଣ୍ଟ କର୍ମଚାରୀମାନେ ପେନସନ ପାଆନ୍ତି ନାହିଁ । ୪୮୮ ବର୍ଗ ପରେ ୬୬୨ କଲେଜ ବର୍ଗର କର୍ମଚାରୀମାନେ ଅଛନ୍ତି । ୪୮୮ ବର୍ଗର ଶିକ୍ଷକମାନଙ୍କ ସହିତ ମିଶି ସେମାନେ (୬୬୨ ବର୍ଗର ସମସ୍ତେ) ଆନ୍ଦୋଳନ କରୁଛନ୍ତି । ତାଙ୍କୁ ଦରମା, ଭତ୍ତା, ପେନସନ ଦିଆଯାଉ ନାହିଁ ।

ସରକାରଙ୍କ ଯୁକ୍ତି ବଳିଷ୍ଠ । ରାଜ୍ୟରେ ଅର୍ଥ ନାହିଁ । ଯଦି କଲେଜ ଖୋଲିଛନ୍ତି, ପରିଚାଳନା ସମିତିମାନେ ସେମାନଙ୍କ କଥା ବୁଝନ୍ତୁ ସରକାର କିଛି କରିପାରିବ ନାହିଁ । ସରକାର ଗୋଟିଏ ଜନମଙ୍ଗଳ ରାଷ୍ଟ୍ରର ସରକାର । ଏମାନଙ୍କୁ ଜନମଙ୍ଗଳ ରାଷ୍ଟ୍ର ଯୋଜନାରୁ କିପରି ବାଦ ଦିଆଯାଇ ପାରିବ? ସେମାନେ ରାଜ୍ୟର ଶତକଡ଼ା ସତୁରୀଭାଗ ଛାତ୍ରଛାତ୍ରୀଙ୍କୁ ପଢାଉଛନ୍ତି । କାହିଁକି ସେମାନଙ୍କୁ ସରକାର ଦରମା ଓ ପେନସନ ସମାନ ହାରରେ ଦେବେ ନାହିଁ । ସରକାରଙ୍କୁ ଧନ୍ୟବାଦ ଦେବାକଥା ଯେ ସରକାର ବହୁ କଥାପାଇଁ ଅନୁଦାନ ଦେଉଛନ୍ତି । ଶିକ୍ଷକ ଓ କର୍ମଚାରୀମାନଙ୍କ ଦରମା ଓ ପେନସନ କାହିଁକି ଦେବେ ନାହିଁ? କେନ୍ଦ୍ରସରକାର ରାଜ୍ୟରେ ଥିବା ଖଣିରୁ କର ଭାବରେ ଅର୍ଥ ଆଦାୟ କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁମତି ଦେଇଛନ୍ତି । ସେଇ ଅର୍ଥ ଶିକ୍ଷା ପାଇଁ (ଯାହା ଉପରେ ବର୍ଣ୍ଣିତ ହୋଇଛି) ଖର୍ଚ୍ଚ ହୋଇପାରନ୍ତା । ଅତୀତରେ ମୋ ସହିତ ଯିଏ ଏକମତ ହୋଇଛନ୍ତି ଶିକ୍ଷା ବ୍ୟବସ୍ଥାକୁ ସ୍ୱୟଂ ସଂପୂର୍ଣ୍ଣ ଓ କ୍ରିୟାଶୀଳ କରିବା ପାଇଁ ଶିକ୍ଷା କର ବସାଯାଇପାରେ । ସେଇ ବାବଦରେ ଯେଉଁ ଅର୍ଥ ଆଦାୟ ହେବ, ସରକାର ସମସ୍ତ ସ୍କୁଲ ଓ କଲେଜକୁ ଆଦର୍ଶ ସ୍ଥାନୀୟ କରିପାରିବେ । କେବଳ କୋଠାବାଡ଼ି ନିର୍ମାଣ କଲେ ହେବନି, ଶିକ୍ଷକ ଓ କର୍ମଚାରୀମାନଙ୍କର ଦରମା ଦେବାର ସେତିକି ଆବଶ୍ୟକତା ଅଛି ।

ପେନସନ ବ୍ୟବସ୍ଥା ଗୋଟିଏ ଭରସା ଦେବାର ବ୍ୟବସ୍ଥା, ପେନସନ ମିଳିବ ବୋଲି ଜାଣିଲେ ଜଣେ କର୍ମଚାରୀ ଆଶ୍ୱସ୍ତ ହେବ । ନହେଲେ ଚାକିରି ୫ବର୍ଷ ଥିବ, ସେ ବସ୍ତ ହେବ, ଅବସର ପରେ କିପରି ଚଳିବ । ଏ ସବୁ କଥାଗୁଡ଼ିକ ସରକାର ତାଙ୍କର ବିଚାରକୁ ନେବାର ଆବଶ୍ୟକତା ଅଛି । ଯାହା ତଥ୍ୟ ସାମନାକୁ ଆସିଛି ଯେ ସବୁ କର୍ମଚାରୀମାନଙ୍କୁ ପେନସନ ସମାନ ହାରରେ ଦିଆଯାଉ ବୋଲି ଉଚ୍ଚତମ ନ୍ୟାୟାଳୟରେ ମତାମତ ଦେଇଛନ୍ତି । ସବୁ କଥାରେ ଉଚ୍ଚତମ ନ୍ୟାୟାଳୟର କଥା ଆମେ ମାନି ନେଉଛେ, ଶିକ୍ଷକମାନଙ୍କ କ୍ଷେତ୍ରରେ କାହିଁକି ଉଚ୍ଚତମ ନ୍ୟାୟଳୟର ଉପଦେଶ ତଥା ପରାମର୍ଶ ମାନିନେବା ନାହିଁ ।

ମୁଁ ଜଣେ ଶିକ୍ଷକ ଥିଲି । ୬୫ ବର୍ଷ ତଳର କଥା । ସମାନ ହାରରେ ଦରମା ପାଇବା ପାଇଁ ଓ ପେନସନ ପାଇବା ପାଇଁ ସରକାରଙ୍କ ନିକଟରେ ଅନେକଥର କର୍ମଚାରୀମାନେ ଗୁହାରି ଜଣାଇଛନ୍ତି । କିଛି ମିଳିଛି । କିନ୍ତୁ ସମସ୍ତଙ୍କ ପାଇଁ ମିଳିନାହିଁ । ସରକାର ସହୃଦୟତାର ସହିତ ଗୋଟିଏ ନିଷ୍ପତ୍ତି ନିଅନ୍ତୁ, ଯାହା ସମସ୍ତଙ୍କୁ ଆଶ୍ୱସ୍ତ କରିବ । ବ୍ୟବସ୍ଥା ଏପରି ହୋଇଛି ଯେ ପରିଚାଳନା ସମିତିମାନେ ନିଜେ ନିଜେ ଗଠିତ ହୋଇ ଯାଉଛନ୍ତି । କଲେଜ ଖୋଲୁଛନ୍ତି । ସେମାନେ ଉଦ୍ୟମ କରି କଲେଜ ପାଇଁ ସ୍ୱୀକୃତି ଆଣୁଛନ୍ତି । ପୁଣି ସେମାନେ ଯେଉଁ କଲେଜ ଖୋଲୁଛନ୍ତି ସେଥିପାଇଁ ବିଶ୍ୱବିଦ୍ୟାଳୟମାନଙ୍କୁ ଓ ଉଚ୍ଚଶିକ୍ଷା ପରିଷଦରୁ ସହବନ୍ଧନ ଆଣୁଛନ୍ତ । ଏପରି କଥାସବୁ ଘଟୁଛି ଯେ ସରକାର ନୂଆ ନିୟମ କରି ସେ ପରିଚାଳନା ସମିତିମାନଙ୍କୁ ବୈଧ ବୋଲି ପରୋକ୍ଷ କି ପ୍ରତ୍ୟକ୍ଷ ଭାବରେ ସ୍ୱୀକାର କରୁଛନ୍ତି । ଏଣୁ ସେମାନେ କଲେଜଟିଏ କି ସ୍କୁଲଟିଏ ଚଳାଇବା ପାଇଁ ଯେଉଁ ନିଯୁକ୍ତି ଦେଇଥିବେ ତାକୁ ସରକାର ସ୍ୱୀକାର କରୁଛନ୍ତି ଓ ଦରମା ମଧ୍ୟ ଦେଉଛନ୍ତି । ସେଇ ଅଣସ୍ୱୀକୃତ ପ୍ରାପ୍ତ ଓ ଅଣଅନୁଦାନ ପ୍ରାପ୍ତ କଲେଜମାନଙ୍କରେ ଏଇ ରାଜ୍ୟର ଛାତ୍ରଛାତ୍ରୀ ପଢୁଛନ୍ତି । ସମସ୍ତେ ରେଭେନ୍ସା କଲେଜରେ ପଢିପାରିବେ ନାହିଁ । ଏତେ ସଂଖ୍ୟାରେ ଛାତ୍ରଛାତ୍ରୀ କୁଆଡେ ଯିବେ । ତାଙ୍କୁ ଯେଉଁ ଶିକ୍ଷକ ଓ କର୍ମଚାରୀମାନେ ପଢାଉଛନ୍ତି ସେମାନେ କୁଆଡେ ଯିବେ । ଇଏ ଗୋଟିଏ 'ମେରୀ ଗୋ ରାଉଣ୍ଡ ସମସ୍ୟା' କିଏ ସମାଧାନ କରିବ, କିଏ ପୂର୍ଣ୍ଣଚ୍ଛେଦ ପକାଇବ । ଶିକ୍ଷାକୁ ହାଇସ୍କୁଲ ସ୍ତରରୁ କିଏ ବନ୍ଦ କରିପାରିବ? ଏସବୁ ସମସ୍ୟା କଥା ନୂଆଶିକ୍ଷା ନୀତିର ଉପସ୍ଥାପିତ ହୋଇନାହିଁ । ସରକାର ଏ ସବୁକୁ ଗୋଟିଏ ସ୍ୱତନ୍ତ୍ର ଅଧ୍ୟାୟରେ ଏନଇପି ୨୦୨୦ରେ ଯୋଡନ୍ତୁ ଏବଂ ଏ ନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ।


*ଜେଲରୋଡ଼, ଖୋର୍ଦ୍ଧା,*
*ମୋ ୯୪୩୭୩୦୨୪୧୭*

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ





**ଭାରତର ଲୌହମାନବ ଭାବରେ ପରିଚିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମଜୟନ୍ତୀ ପ୍ରତିବର୍ଷ ଅକ୍ଟୋବର ୩୧ରେ 'ରାଷ୍ଟ୍ରୀୟ ଏକତା ଦିବସ' ଭାବରେ ପାଳନ କରାଯାଏ । ସ୍ୱାଧୀନ ଭାରତର ଏକୀକରଣ ପାଇଁ ତାଙ୍କର ଅବଦାନକୁ ସମ୍ମାନ ଜଣାଇବା ପାଇଁ ଏହି ଦିବସ ପାଳନ କରାଯାଏ । ଏହି ଅବସରରେ ଭାରତର ଏକତା, ଅଖଣ୍ଡତା ଏବଂ ସୁରକ୍ଷାକୁ ମଜବୁତ କରିବା ପାଇଁ 'ଏକତା ଦୌଡ' ବା 'ରନ୍ ଫର୍ ୟୁନିଟି' କାର୍ଯ୍ୟକ୍ରମ ଆୟୋଜନ କରାଯାଏ। ଏହି ଦୌଡ ଜାତି, ଧର୍ମ, ଭାଷା ନିର୍ବିଶେଷରେ ସମସ୍ତଙ୍କୁ ଏକାଠି ହେବା ପାଇଁ ଏକ ମାଧ୍ୟମ ଯୋଗାଇଥାଏ । ବଲ୍ଲଭଭାଇ ପଟେଲ ୧୮୭୫ ମସିହା ଅକ୍ଟୋବର ୩୧ରେ ଗୁଜରାଟର ନାଡିଆଦ ଠାରେ ଜନ୍ମଗ୍ରହଣ କରିଥିଲେ । ସେ ଜଣେ ଆଇନଜୀବୀ ଥିଲେ, କିନ୍ତୁ ମହାତ୍ମା ଗାନ୍ଧୀଙ୍କ ନୀତି ଏବଂ ଆଦର୍ଶ ଦ୍ୱାରା ଅନୁପ୍ରାଣୀତ ହୋଇ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ । ଭାରତର ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଯୋଗଦାନ ଅତୁଳନୀୟ ଥିଲା। ସେ ଖେଡା ଏବଂ ବାରଡୋଲି ସତ୍ୟାଗ୍ରହର ନେତୃତ୍ୱ ନେଇ ଚାଷୀମାନଙ୍କ ଅଧିକାର ପାଇଁ ଲଢିଥିଲେ । ବାରଡୋଲି ସତ୍ୟାଗ୍ରହର ସଫଳତା ପରେ ତାଙ୍କୁ 'ସର୍ଦ୍ଦାର' ଉପାଧି ପ୍ରଦାନ କରାଯାଇଥିଲା । ସ୍ୱାଧୀନତା ପରେ, ସେ ଭାରତର ପ୍ରଥମ ଉପ-ପ୍ରଧାନମନ୍ତ୍ରୀ ତଥା ଗୃହମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ସେହି ସମୟରେ ଭାରତରେ ୫୦୦ରୁ ଅଧିକ ଦେଶୀୟ ରାଜ୍ୟ ଥିଲା, ଯାହାକୁ ଏକଜୁଟ କରିବା ଏକ ବଡ ଆହ୍ୱାନ ଥିଲା ।**



# ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏବଂ ଏକତା ଦୌଡ : ଏକତାର ପ୍ରତୀକ

ସର୍ଦ୍ଦାର ପଟେଲ ତାଙ୍କର ଦୃଢ ଇଚ୍ଛାଶକ୍ତି, କୂଟନୀତି ଏବଂ ବୁଝାମଣା ମାଧ୍ୟମରେ ଅଧିକାଂଶ ରାଜ୍ୟକୁ ଭାରତ ସହିତ ମିଶାଇବାରେ ସଫଳ ହୋଇଥିଲେ । ହାଇଦ୍ରାବାଦ ଏବଂ ଜୁନାଗଡ ଭଳି ରାଜ୍ୟଗୁଡିକୁ ସାମରିକ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ଏକତ୍ର କରିଥିଲେ । ତାଙ୍କର ଏହି ଐତିହାସିକ ପ୍ରୟାସ ପାଇଁ ତାଙ୍କୁ 'ଭାରତର ଏକୀକରଣ ସ୍ଥପତି' କୁହାଯାଏ । ଓଡିଶାର ଏକୀକରଣରେ ମଧ୍ୟ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା, ଯେତେବେଳେ ସେ ୨୬ଟି ଗଡଜାତ ରାଜ୍ୟକୁ ଭାରତୀୟ ସଂଘରେ ମିଶାଇବାରେ ସାହାଯ୍ୟ କରିଥିଲେ । ସର୍ଦ୍ଦାର ପଟେଲଙ୍କ ଜନ୍ମଜୟନ୍ତୀରେ, ଦେଶର ଏକତାକୁ ସୁଦୃଢ କରିବା ପାଇଁ ଏକତା ଦୌଡ' ଆୟୋଜିତ କରାଯାଏ । ଏହା କେବଳ ଏକ ମାରାଥନ ନୁହେଁ, ଏହା ହେଉଛି ଭାରତୀୟମାନଙ୍କ ମଧ୍ୟରେ ଏକତା, ଭାଇଚାରା ଏବଂ ଦେଶଭକ୍ତିର ଭାବନାକୁ ପ୍ରଜ୍ୱଳିତ କରିବାର ଏକ ସାଧନା। ଏହି ଦୌଡରେ ବିଭିନ୍ନ ବର୍ଗର ଲୋକେ ଯୋଗ ଦେଇ ସର୍ଦ୍ଦାର ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ୨୦୨୪ ମସିହା ଅକ୍ଟୋବରରେ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରରେ ଏକ 'ଏକତା ଦୌଡ'



ଶୁଭାରମ୍ଭ କରିଥିଲେ, ଯେଉଁଥିରେ ହଜାର ହଜାର ଛାତ୍ରଛାତ୍ରୀ ଏବଂ କ୍ରୀଡାବିତ ଅଂଶଗ୍ରହଣ କରିଥିଲେ । ସର୍ଦ୍ଦାର ପଟେଲଙ୍କ ସ୍ୱପ୍ନ ଥିଲା ଏକ ମଜବୁତ ଏବଂ ଏକଜୁଟ ଭାରତ। ଏକତା ଦୌଡ ମାଧ୍ୟମରେ ଆମେ ତାଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ପ୍ରତିବଦ୍ଧତା ଦୋହରାଇଥାଉ । ଏହି କାର୍ଯ୍ୟକ୍ରମ ଜାତୀୟ ଅଖଣ୍ଡତା ପ୍ରତି ଥିବା ବିପଦଗୁଡିକର ମୁକାବିଲା କରିବା ପାଇଁ ଦେଶର ଶକ୍ତି ଏବଂ ସହନଶୀଳତାକୁ ପୁନଃପ୍ରତିଷ୍ଠା କରିବାର ସୁଯୋଗ ଦେଇଥାଏ । ଏହା ବର୍ତ୍ତମାନର ଏବଂ ଭବିଷ୍ୟତ ପିଢି ପାଇଁ ଏକ ପ୍ରେରଣା । ଗୁଜରାଟର କେଭାଡିଆ ଠାରେ ସ୍ଥାପିତ 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ସର୍ଦ୍ଦାର ପଟେଲଙ୍କ ମହାନତା ଏବଂ ଦେଶ ପ୍ରତି ତାଙ୍କର ଅବଦାନର ପ୍ରତୀକ । ଏହା ବିଶ୍ୱର ସର୍ବୋଚ୍ଚ ପ୍ରତିମୂର୍ତ୍ତି, ଯାହା ଆମକୁ ସର୍ବଦା ଏକତା ଏବଂ ଦେଶଭକ୍ତିର ମୂଲ୍ୟ ବିଷୟରେ ମନେ ପକାଇଥାଏ । ଏକତା ଦୌଡ କାର୍ଯ୍ୟକ୍ରମ ଏହି ଐତିହ୍ୟକୁ ଆଗକୁ ନେଇଯାଏ, ଯାହା ଭାରତୀୟମାନଙ୍କୁ ଦେଶ ଗଠନର ପ୍ରକ୍ରିୟାରେ ସକ୍ରିୟ ଭାବରେ ଯୋଗଦାନ କରିବାକୁ ଉତ୍ସାହିତ କରିଥାଏ । ଏକତା ଦୌଡ ସମୟରେ, ପ୍ରତ୍ୟେକ ନାଗରିକ ଦେଶ ପାଇଁ ଏକଜୁଟ ହେବାର ଏକ ନୂତନ ସଂକଳ୍ପ ନେଇଥାନ୍ତି । 'ଏକତା ଦୌଡ' କାର୍ଯ୍ୟକ୍ରମ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଆଦର୍ଶ ଏବଂ ତାଙ୍କର ମହାନ ଅବଦାନ ପ୍ରତି ଏକ ଉପଯୁକ୍ତ ଶ୍ରଦ୍ଧାଞ୍ଜଳି । ଏହା କେବଳ ଶାରୀରିକ ସ୍ୱାସ୍ଥ୍ୟ ପାଇଁ ନୁହେଁ ବରଂ ରାଷ୍ଟ୍ରୀୟ ଏକତା ଏବଂ ଭାଇଚାରାର ଭାବନାକୁ ଦୃଢ କରିବାରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହି ଦୌଡରେ ଅଂଶଗ୍ରହଣ କରି ପ୍ରତ୍ୟେକ ଭାରତୀୟ ନିଜକୁ ଏକ ବୃହତର ରାଷ୍ଟ୍ରୀୟ ପରିଚୟର ଅଂଶ ବୋଲି ଅନୁଭବ କରନ୍ତି । ସର୍ଦ୍ଦାର ପଟେଲ ଆଜି ମଧ୍ୟ ଆମ ସମସ୍ତଙ୍କ ପାଇଁ ଏକ ପ୍ରେରଣାଦାୟୀ ବ୍ୟକ୍ତିତ୍ୱ । ତାଙ୍କ ଜୀବନ ଓ କାର୍ଯ୍ୟ ଆମକୁ ଶିକ୍ଷା ଦିଏ ଯେକୌଣସି ବିପଦର ମୁକାବିଲା କରିବାକୁ ହେଲେ ଏକତା ହିଁ ସବୁଠାରୁ ଶ୍ରେଷ୍ଠ ଶକ୍ତି । ଏକତା ଦୌଡ ମାଧ୍ୟମରେ ଆମେ ସମସ୍ତେ ମିଶି ଏକ ଶ୍ରେଷ୍ଠ ଭାରତ ଗଠନ ପାଇଁ ସଂକଳ୍ପ ନେଇଥାଉ ।



**ସର୍ଦ୍ଦାର ବଲ୍ଲଭଭାଇ ପଟେଲ : ଏକତା ଓ ଅଖଣ୍ଡତାର ପ୍ରତୀକ**

ଭାରତୀୟ ସ୍ୱାଧୀନତା ସଂଗ୍ରାମ ତଥା ସ୍ୱାଧୀନ ଭାରତର ନିର୍ମାଣରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଅବଦାନ ଅତୁଳନୀୟ । ତାଙ୍କୁ ଭାରତର 'ଲୌହ ମାନବ' ଭାବେ ସମ୍ବୋଧିକ କରାଯାଏ । ଏହି ଉପାଧି ତାଙ୍କର ଦୃଢ ନିଷ୍ପତି, ଲୌହ ସଂକଳ୍ପ ଏବଂ ଦେଶକୁ ଏକଜୁଟ କରିବାର ମହାନ କାର୍ଯ୍ୟ ଦିଆଯାଇଛି। ଭାରତର ପ୍ରଥମ ଉପ-ପ୍ରଧାନମନ୍ତ୍ରୀ ତଥା ଗୃହମନ୍ତ୍ରୀ ଭାବରେ ସେ ଦେଶର ଏକୀକରଣ କ୍ଷେତ୍ରରେ ଏକ ଅଭୂତପୂର୍ବ କାର୍ଯ୍ୟ କରି ଦେଶକୁ ଏକ ସୁଦୃଢ ଭିତ୍ତିଭୂମି ଉପରେ ପ୍ରତିଷ୍ଠା କରିଥିଲେ । ତାଙ୍କ ଜନ୍ମଦିନ, ଅକ୍ଟୋବର ୩୧କୁ ଜାତୀୟ ଏକତା ଦିବସ ଭାବରେ ପାଳନ କରାଯାଏ । ବଲ୍ଲଭଭାଇ ପଟେଲ ୧୮୭୫ ମସିହା ଅକ୍ଟୋବର ୩୧ ତାରିଖରେ ଗୁଜରାଟର ନଡିଆଦ୍ ଗ୍ରାମରେ ଏକ କୃଷକ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଝାଭେରଭାଇ ପଟେଲ ଜଣେ ଦେଶପ୍ରେମୀ ବ୍ୟକ୍ତି ଥିଲେ ଏବଂ ମାତା ଲାଡବାଇ ଜଣେ ଧାର୍ମିକ ମହିଳା ଥିଲେ। ପିଲାଦିନରୁ ବଲ୍ଲଭଭାଇ ବେଶ୍ ପରିଶ୍ରମୀ, ବୁଦ୍ଧିମାନ ଓ ସ୍ୱାଭିମାନୀ ଥିଲେ। ତାଙ୍କର ପ୍ରାଥମିକ ଶିକ୍ଷା ସ୍ଥାନୀୟ ବିଦ୍ୟାଳୟରେ ହୋଇଥିଲା। ସେ କଠିନ ପରିଶ୍ରମ କରି ନିଜେ ପଢାପଢି କରି ଓକିଲାତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ଏହା ପରେ ସେ ଇଂଲଣ୍ଡ ଯାଇ ଓକିଲାତି ପଢିଥିଲେ। ଭାରତ ଫେରିବା ପରେ ସେ ଜଣେ ସଫଳ ଓକିଲ ଭାବରେ ନିଜର ପରିଚୟ ସୃଷ୍ଟି କରିଥିଲେ । ପ୍ରାରମ୍ଭରେ ପଟେଲ ରାଜନୀତି ପ୍ରତି ବିଶେଷ ଆଗ୍ରହୀ ନଥିଲେ, କିନ୍ତୁ ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ପ୍ରଭାବିତ ହୋଇ ସେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ। ୧୯୧୭ ମସିହାରେ ସେ ଅହମଦାବାଦ ମ୍ୟୁନିସିପାଲ କମିଶନର ଭାବରେ ନିର୍ବାଚିତ ହୋଇଥିଲେ ଏବଂ ପରେ ମ୍ୟୁନିସିପାଲ ପ୍ରେସିଡେଣ୍ଟ ମଧ୍ୟ ହୋଇଥିଲେ। ତାଙ୍କ ନେତୃତ୍ୱରେ କେଡା (୧୯୧୮) ଓ ବାରଡୋଲି (୧୯୨୮)ରେ ହୋଇଥିବା ସତ୍ୟାଗ୍ରହ ବେଶ୍ ସଫଳ ହୋଇଥିଲା । ବାରଡୋଲି ସତ୍ୟାଗ୍ରହର ସଫଳତା ପରେ ତାଙ୍କୁ ସ୍ଥାନୀୟ ଲୋକେ 'ସର୍ଦ୍ଦାର' ଉପାଧିରେ ଭୂଷିତ କରିଥିଲେ । ଏହି ସତ୍ୟାଗ୍ରହ ଫଳରେ ସେ ସାରା ଭାରତରେ ଜଣେ ସର୍ବମାନ୍ୟ ନେତା ଭାବେ ପରିଚିତ ହେଲେ ।

**ସ୍ୱାଧୀନ ଭାରତର ନିର୍ମାଣ**

ଭାରତ ସ୍ୱାଧୀନତା ପାଇବା ପରେ ସର୍ଦ୍ଦାର ପଟେଲଙ୍କ ଦାୟିତ୍ୱ ବହୁତ ବଢିଗଲା । ତାଙ୍କୁ ଦେଶର ପ୍ରଥମ ଉପ-ପ୍ରଧାନମନ୍ତ୍ରୀ ତଥା ଗୃହମନ୍ତ୍ରୀ ଭାବେ ନିଯୁକ୍ତି ଦିଆଗଲା। ତାଙ୍କ ସମ୍ମୁଖରେ ସବୁଠୁ ବଡ ଚ୍ୟାଲେଞ୍ଜ ଥିଲା ଭାରତର ବିଭିନ୍ନ ୫୬୫ରୁ ଅଧିକ ରାଜକୀୟ ରାଜ୍ୟକୁ ଭାରତ ସହିତ ମିଶାଇବା। କେତେକ ରାଜ୍ୟ ଭାରତରେ ମିଶିବା ପାଇଁ ଅମଙ୍ଗ ଥିଲେ । ପଟେଲ ଅତ୍ୟନ୍ତ କୂଟନୀତି, ଦୂରଦୃଷ୍ଟି ଏବଂ ଆବଶ୍ୟକ ସ୍ଥଳେ ଦୃଢତା ସହିତ ସମସ୍ତ ରାଜ୍ୟକୁ ଭାରତରେ ମିଶାଇବାର ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରି ଦେଖାଇଲେ। ଏହା ଏକ ଐତିହାସିକ ଉପଲବ୍ଧି ଥିଲା ଯାହା କେବଳ ତାଙ୍କରି ଭଳି ଜଣେ ଲୌହ ମାନବଙ୍କ ପାଇଁ ସମ୍ଭବ ଥିଲା। ସେ ହାଇଦ୍ରାବାଦ, ଜୁନାଗଡ ଓ କାଶ୍ମୀର ଭଳି ରାଜ୍ୟଗୁଡିକୁ ଭାରତର ଅବିଚ୍ଛେଦ୍ୟ ଅଙ୍ଗ କରିବା ପାଇଁ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଦେଶ ବିଭାଜନ ପରେ ଦେଇଥିବା ଦଙ୍ଗା ଓ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ପଟେଲଙ୍କ ଭୂମିକା ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ ହଜାର ହଜାର ଶରଣାର୍ଥୀଙ୍କ ଥଇଥାନ କାର୍ଯ୍ୟରେ ମଧ୍ୟ ସାହାଯ୍ୟ କରିଥିଲେ। ପୁରୁଣା ପ୍ରଶାସନିକ ବ୍ୟବସ୍ଥା ଭାଙ୍ଗିଯିବା ପରେ ସେ ଭାରତୀୟ ପ୍ରଶାସନିକ ସେବା ପରି ଏକ ନୂତନ ଏବଂ ସ୍ଥାୟୀ ପ୍ରଶାସନିକ ବ୍ୟବସ୍ଥା ପ୍ରତିଷ୍ଠା କରିଥିଲେ। ସେ ଏହି ସେବାକୁ ରାଷ୍ଟ୍ରର ପ୍ରଗତିରେ ଜଣେ ଗୁରୁତ୍ୱପୂର୍ଣ୍ଣ ସହଭାଗୀ ଭାବେ ଦେଖୁଥିଲେ । ସର୍ଦ୍ଦାର ପଟେଲ ଜଣେ ଦକ୍ଷ ସଂଗଠକ ଥିଲେ । ମହାତ୍ମା ଗାନ୍ଧି କଂଗ୍ରେସକୁ ଏକ ବିଶାଳ ଆନ୍ଦୋଳନର ରୂପ ଦେଇଥିବା ବେଳେ, ପଟେଲ ହିଁ ସଂଗଠନକୁ ଏବେ ମଜବୁତ କରିଥିଲେ ଯେ ତାହା ଗାନ୍ଧୀଙ୍କ କାର୍ଯ୍ୟକ୍ରମକୁ ସଫଳତାର ସହ ଆଗକୁ ବଢାଇପାରିବ । ଦେଶକୁ ଏକଜୁଟ କରିବା କ୍ଷେତ୍ରରେ ତାଙ୍କର ସଂଗଠନ ଶକ୍ତି ଅତ୍ୟନ୍ତ ଉପଯୋଗୀ ହୋଇଥିଲା ।



**ଶେଷ ଜୀବନ**

୧୯୫୦ ମସିହା ଡିସେମ୍ବର ୧୫ ତାରିଖରେ ଏହି ମହାନ୍ ଦେଶପ୍ରେମୀଙ୍କ ଦେହାନ୍ତ ହୋଇଥିଲା। ତାଙ୍କ ଅବଦାନକୁ ସମ୍ମାନ ଜଣାଇ ଗୁଜରାଟର କେୱାଡିଆରେ ତାଙ୍କର ଏକ ବିଶାଳ ପ୍ରତିମୂର୍ତ୍ତି, ଷ୍ଟାଚ୍ୟୁ ଅଫ ୟୁନିଟି' ନିର୍ମାଣ କରାଯାଇଛି, ଯାହା ଆଜି ବିଶ୍ୱର ସବୁଠୁ ଉଚ୍ଚ ପ୍ରତିମୂର୍ତ୍ତି ମଧ୍ୟରୁ ଅନ୍ୟତମ। ପଟେଲ କେବଳ ଜଣେ ନେତା ନଥିଲେ ବରଂ ଏକ ଦୃଢ ରାଷ୍ଟ୍ରର ଶିଳ୍ପୀ ଥିଲେ। ତାଙ୍କର ଦୂରଦୃଷ୍ଟି, ନିଷ୍ଠା ଓ ଦେଶପ୍ରେମ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ପ୍ରେରଣାର ଉତ୍ସ। ତାଙ୍କୁ ଆଜି ମଧ୍ୟ ଭାରତୀୟ ଏକତା ଓ ଅଖଣ୍ଡତାର ପ୍ରତୀକ ଭାବେ ସ୍ମରଣ କରାଯାଏ। ତାଙ୍କର କାର୍ଯ୍ୟ ସର୍ବଦା ଦେଶକୁ ଏକଜୁଟ ଓ ସଶକ୍ତ ରହିବା ପାଇଁ ପ୍ରୋତ୍ସାହିତ କରିବ। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ଯିଏକି ଭାରତର ଲୌହ ମାନବ ନାମରେ ଜଣାଶୁଣା, ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଏବଂ ସ୍ୱାଧୀନ ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ ତଥା ଗୃହମନ୍ତ୍ରୀ ଥିଲେ, ତାଙ୍କର ଜନ୍ମ ୧୮୭୫ ମସିହା ଅକ୍ଟୋବର ୩୧ତାରିଖରେ ଗୁଜରାଟର ନଡିଆଦ ଗ୍ରାମରେ ହୋଇଥିଲା, ଭାରତକୁ ଏକତା ସୂତ୍ରରେ ବାନ୍ଧିବାରେ ତାଙ୍କର ଅବଦାନ ଅତୁଳନୀୟ। ପଟେଲଙ୍କ ପିତା ଝାଭେରଭାଇ ପଟେଲ ରାଣୀ ଲକ୍ଷ୍ମୀଭାଇଙ୍କ ସେନାରେ କାର୍ଯ୍ୟ କରିଥିଲେ ଏବଂ ତାଙ୍କ ମାତା ଲଡବାଇ ଜଣେ ଆଧ୍ୟାତ୍ମିକ ପ୍ରବୃତିର ମହିଳା ଥିଲେ, ବାଲ୍ୟକାଳରୁ ସେ ସାହସୀ ଏବଂ ଦୃଢମନା ବ୍ୟକ୍ତି ଥିଲେ, ଅଳ୍ପ ବୟସରୁ ସେ ନିଜ ଶିକ୍ଷା ପାଇଁ କଷ୍ଟ ସ୍ୱୀକାର କରିଥିଲେ ଏବଂ ନିଜେ ପାଠ ପଢିବା ସହିତ ଅନ୍ୟକୁ ମଧ୍ୟ ପଢାଉଥିଲେ, ୨୨ବର୍ଷ ବୟସରେ ସେ ମାଟ୍ରିକ ପାସ୍ କରିବା ପରେ ଆଇନ ଶିକ୍ଷା ପାଇଁ ଇଂଲଣ୍ଡ ଯାଇ ବାରିଷ୍ଟର ହୋଇ ଫେରିଥିଲେ। ଭାରତ ଫେରିବା ପରେ ସେ ଅହମଦାବାଦରେ ଓକିଲାତି କଲେ ଏବଂ ଅଳ୍ପ ସମୟ ମଧ୍ୟରେ ଜଣେ ସଫଳ ଓକିଲ ଭାବରେ ପ୍ରତିଷ୍ଠା ଲାଭ କଲେ, ୧୯୧୭ ମସିହାରେ ମହାତ୍ମା ଗାନ୍ଧୀଙ୍କ ସହିତ ତାଙ୍କର ସାକ୍ଷାତ ତାଙ୍କ ଜୀବନର ଗତିପଥ ବଦଳାଇ ଦେଇଥିଲା, ଗାନ୍ଧୀଜୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସେ ଦେଶସେବାରେ ଝାସ ଦେଲେ। ପଟେଲଙ୍କ ନେତୃତ୍ୱରେ ଗୁଜୁରାଟରେ ଅନେକ ସତ୍ୟାଗ୍ରହ ସଫଳ ହୋଇଥିଲା, ଖେଡା ସତ୍ୟାଗ୍ରହ((୧୯୧୮) ସେଥିମଧ୍ୟରୁ ଅନ୍ୟତମ, ଯେଉଁଠାରେ ଫସଲ ନଷ୍ଟ ହୋଇଥିବା ଚାଷୀମାନଙ୍କୁ ରାଜସ୍ୱ ଛାଡ ପାଇଁ ସେ ନେତୃତ୍ୱ ନେଇଥିଲେ। ୧୯୨୮ ମସିହାରେ ବାରଡୋଲି ସତ୍ୟାଗ୍ରହର ସଫଳ ନେତୃତ୍ୱ ପାଇଁ ସେ ସର୍ଦ୍ଦାର ଉପାଧିରେ ଭୂଷିତ ହେଲେ, ବାରଡୋଲିର ମହିଳାମାନେ ତାଙ୍କୁ ସର୍ଦ୍ଦାର ବୋଲି ସମ୍ବୋଧନ କରିଥିଲେ, ଯାହାର ଅର୍ଥ ହେଉଛି ନେତା ସ୍ୱାଧୀନତା ପରେ, ଭାରତର ସବୁଠାରୁ ବଡ ଚ୍ୟାଲେଞ୍ଜ ଥିଲା ବିଭିନ୍ନ ରାଜ୍ୟକୁ ଏକାଠି କରିବା, ସେତେବେଳେ ପ୍ରାୟ ୫୬୫ଟି ଦେଶୀୟ ରାଜ୍ୟ ଥିଲା, ସର୍ଦ୍ଦାର ପଟେଲ ତାଙ୍କର ଦୃଢ ଇଚ୍ଛାଶକ୍ତି, ରାଜନୈତିକ କୂଟନୀତି, ଏବଂ ଦୂରଦୃଷ୍ଟି ବଳରେ ଏହି ସମସ୍ତ ରାଜ୍ୟକୁ ଭାରତ ସହିତ ମିଶ୍ରଣ କରାଇବାରେ ସଫଳ ହୋଇଥିଲେ, ଏଥିପାଇଁ ତାଙ୍କୁ ଭାରତର ଲୌହମାନବ କୁହାଯାଏ। ଜୁନାଗଡ ଓ ହାଇଦ୍ରାବାଦ ଭଳି ରାଜ୍ୟକୁ ଭାରତରେ ମିଶାଇବା ତାଙ୍କର ଏକ ପ୍ରମୁଖ ସଫଳତା ଥିଲା । ସେ ଅଖିଳ ଭାରତୀୟ ସେବା (All India Services) ପ୍ରତିଷ୍ଠା କରିଥିଲେ, ଯାହାକୁ ସେ ଭାରତର ଇସ୍ପାତ ଢାଞ୍ଚା (Steel Frame of India) ବୋଲି କହିଥିଲେ, ସେବା ଅଧିକାରୀମାନଙ୍କୁ ଉଚ୍ଚ ସ୍ତର ସଚ୍ଚୋଟତା ଏବଂ ସମନ୍ୱୟ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ । ୧୯୯୧ ମସିହାରେ ତାଙ୍କୁ ମରଣୋତ୍ତର ଭାବେ ଭାରତ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା, ତାଙ୍କ ଜନ୍ମଦିନ, ଅକ୍ଟୋବର ୩୧କୁ, ୨୦୧୪ ମସିହାରୁ 'ରାଷ୍ଟ୍ରୀୟ ଏକତା ଦିବସ' ଭାବରେ ପାଳନ କରାଯାଉଛି। ୨୦୧୮ ମସିହାରେ, ଗୁଜରାଟରେ ତାଙ୍କ ସମ୍ମାନାର୍ଥେ ୧୮୨ ମିଟର ଉଚ୍ଚତାର 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ଉନ୍ମୋଚିତ ହୋଇଥିଲା, ଯାହା ବିଶ୍ୱର ସର୍ବୋଚ୍ଚ ପ୍ରତିମୂର୍ତ୍ତି । ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୀବନ ଆମ ସମସ୍ତ ପାଇଁ ପ୍ରେରଣାର ଉତ୍ସ, ତାଙ୍କର ଏକତା, ଦୃଢତା ଏବଂ ରାଷ୍ଟ୍ର ଗଠନରେ ଥିବା ଅବଦାନ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ ।






**ସୌଭାଗ୍ୟ ରଞ୍ଜନ ମହାନ୍ତି**
ଗାଙ୍ଗୋତ୍ରୀ ନଗର, ଶିଶୁପାଳଗଡ
ମୋ. ୭୯୭୮୬୬୬୪୦୩


# ଅମର ଶହୀଦ ଜୟୀରାଜଗୁରୁ


**ବୈକୁଣ୍ଠନାଥ ରାଜଗୁରୁ**


ଯେଉଁମାନେ ମାତୃଭୂମି ପାଇଁ ପ୍ରାଣବଳି ଦେଇଛନ୍ତି ସେମାନଙ୍କ ମଧ୍ୟରେ ଅଗ୍ରପୂଜ୍ୟ ହେଉଛନ୍ତି ରାଜଗୁରୁ ଜୟକୃଷ୍ଣ ମହାପାତ୍ର । ସମସ୍ତେ ତାଙ୍କୁ ଶ୍ରଦ୍ଧାରେ ଡାକନ୍ତି ଜୟୀ ରାଜଗୁରୁ । ଓଡ଼ିଶାର ଶେଷ ସ୍ୱାଧୀନ ରାଜ୍ୟ ଖୋରଧା, ଏହାର ରାଜା ଓ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସୁରକ୍ଷା ପାଇଁ ଉଦ୍ୟମ କରି ସେ ପ୍ରାଣଦଣ୍ଡ ଭୋଗ କରିଥିଲେ । ଏହା ଘଟିଥିଲା କେବଳ ବିଶ୍ୱାସ ଘାତକତା ପରିଣାମ ସ୍ୱରୂପ ।

ଷୋଡ଼ଶ ଶତାବ୍ଦୀର ମଧ୍ୟଭାଗରେ ଉତ୍ତରରୁ ଆଫାଗାନ୍ ଆକ୍ରମଣ ଓ ଦକ୍ଷିଣରୁ ମୁସଲମାନଙ୍କ ଆକ୍ରମଣ ଲାଗିରହିଥିବା ବେଳେ ପରସ୍ପର କଳହ ଓ ଅନ୍ତର୍ଦ୍ୱନ୍ଦ୍ୱ ହେତୁ ଯେତେବେଳେ ସୂର୍ଯ୍ୟବଂଶର ପତନ ଘଟିଲା ଏବଂ ଶାସନଗତ ଅସ୍ଥିରତା ଚରମସୀମାରେ ପହଞ୍ଚିଲା ସେତେବେଳେ ଜଗନ୍ନାଥଙ୍କୁ ସୁରକ୍ଷା ଦେବା ପାଇଁ ରାମଚନ୍ଦ୍ର ଦେବ ଚତୁରତାର ସହିତ ଖୋରଧାରେ ରାଜଧାନୀ ସ୍ଥାପନ କରି ଖୋରଧା ରାଜ୍ୟ ପ୍ରତିଷ୍ଠା କଲେ ଏବଂ ପୁରୀ ଏହି ରାଜ୍ୟର ମୁଖ୍ୟ ଅଂଗ ହୋଇ ରହିଲା । ଖୋରଧାର ରାଜା ଜଗନ୍ନାଥଙ୍କୁ ସୁରକ୍ଷିତ ରଖିବା ସଙ୍ଗେ ସଙ୍ଗେ ମନ୍ଦିର ଓ ସେବା ପୂଜାର ପରିଚାଳନା ଦାୟିତ୍ୱ ଉତ୍ତମ ଭାବରେ ନିର୍ବାହ କରି ଚାଲିଲେ ।

ଗଜପତି ବୀର କେଶରୀ ଦେବ (ପ୍ରଥମ) (ଖ୍ରୀ ୧୭୩୭-୧୭୯୩)ଙ୍କର ଶାସନ ସମୟରେ ୧୭୭୪ ଖ୍ରୀଷ୍ଟାବ୍ଦରେ ଏକ ଅଘଟଣ ଘଟିଲା । ପାରଳାଖେମୁଣ୍ଡିର ରାଜା ନାରାୟଣ ଦେବ ଖୋରଧା ରାଜ୍ୟ ଅଧିକାରୀ କରିବାକୁ ଆକ୍ରମଣ କଲେ । ଏତେବେଳକୁ ମରହଟ୍ଟାମାନେ ମୁସଲମାନଙ୍କୁ ହଟାଇ କଟକ ସମେତ ଓଡ଼ିଶାର ବହୁଅଂଶ ଅଧିକାର କରି ସାରିଥାନ୍ତି । ବୀରକେଶରୀ ଦେବ ରାଜାଙ୍କ ଆକ୍ରମଣର ମୁକାବିଲା କରି ନପାରି ମରହଟ୍ଟା ସୁବେଦାର ଶିବଭଟ୍ଟ ସାଠେଙ୍କ ସହାଯ୍ୟ ଲୋଡ଼ିଲେ । ମରହଟ୍ଟାମାନେ ଏଥିପାଇଁ ଏକଲକ୍ଷ ଟଙ୍କା ଦାବି କଲେ । ଖୋରଧା ରାଜା ଟଙ୍କା ଦେବାକୁ ଅସମର୍ଥ ହେବାରୁ ମରହଟ୍ଟାମାନେ ଟଙ୍କା ପରିବର୍ତ୍ତେ ଚାରିଟି ମାହାଲ ଯଥା ରାହାଙ୍ଗ , ସିରାଇ, ଲେମ୍ବାଇ ଓ ଚବିଶକୁଦ (ପୁରୁଶୋତ୍ତମ କ୍ଷେତ୍ର)ରୁ ରାଜସ୍ୱ ଆଦାୟ କରିବାର କ୍ଷମତା ଦାବି କଲେ । ବୀର କେଶରୀ ଦେବ ଏଥିରେ ରାଜି ହେବାକୁ ବାଧ୍ୟ ହେଲେ । ତେଣୁ ମରହଟ୍ଟାମାନେ ପାରଳା ରାଜାଙ୍କୁ ପରାସ୍ତ କରି ଖୋରଧାକୁ ରକ୍ଷା କଲେ । କିନ୍ତୁ ଏହା ଫଳରେ ଚାରିଟି ପ୍ରଗଣା ସମେତ ଜଗନ୍ନାଥ ମନ୍ଦିରର ପରିଚାଳନା ଖୋରଧା ରାଜାଙ୍କ ହାତରୁ ମରହଟ୍ଟାମାନଙ୍କ ହାତକୁ ଚାଲିଯାଇଥିଲା । ମରହଟ୍ଟାମାନେ ଏହାକୁ ଫେରାଇବାକୁ ଆଉ କେବେ ରାଜି ହୋଇନଥିଲେ ।

ଏଥିରେ ବ୍ୟତିବ୍ୟସ୍ତ ହୋଇ ବୀରକେଶରୀଦେବ ପାଗଳ ହୋଇ ଯାଇଥବଲେ ଏବଂ ତାଙ୍କର ଚାରିପୁଅଙ୍କୁ ହତ୍ୟା କରିଥିଲେ । ଖୋରଧାରେ ଘୋର ଅରାଜକତା ଦେଖା ଦେଲା । ବୀର କେଶରୀ ଦେବ ବନ୍ଦୀ ହେଲେ । ତାଙ୍କ ପୁତ୍ର ଦିବ୍ୟ ସିଂହ ଦେବ ୧୭୮୧ରେ ରାଜା ରୂପେ ଅଭିଷିକ୍ତ ହୋଇ ୧୭୯୮ରେ ଅକାଳରେ ଇହଲୀଳା ସମ୍ବରଣ କଲେ । ତେଣୁ ତାଙ୍କର ନାବାଳକ ପୁତ୍ର ମୁକୁନ୍ଦଦେବ (୨ୟ)ଙ୍କୁ ରାଜଗାଦିରେ ବସାଗଲା । ଏହି ସମୟରେ ରାଜଗୁରୁ ଜୟକୃଷ୍ଣ ମହାପାତ୍ର (ଜୟୀ ରାଜଗୁରୁ) ରାଜ୍ୟର ମନ୍ତ୍ରୀ ବା ଦେୱାନ ଏବଂ ସେନାପତି ପଦରେ ଅଧିଷ୍ଠିତ ହୋଇ ସମସ୍ତ ବିଶୃଙ୍ଖଳାକୁ ଜଗତ କରି ଶାସନରେ ସ୍ଥିରତା ପ୍ରତିଷ୍ଠା କରିଥିଲେ । ରାଜା ନାବାଳକ ଥିବାରୁ ରାଜଗାଦିରେ ସମସ୍ତ ନିଷ୍ପତ୍ତି ତାଙ୍କୁ ହିଁ ନେବାକୁ ପଡୁଥିଲା ।

ଜଗନ୍ନାଥଙ୍କୁ ନେଇ ମରାଠା ଶାସନ ବିରୋଧରେ ଖୋରଧାରେ ତୀବ୍ର ଅସନ୍ତୋଷ କୁହୁଳିବାକୁ ଲାଗିଲା । ଗଞ୍ଜାମର ବ୍ରିଟିଶ ପ୍ରଶାସକଙ୍କ ସହିତ ଗୁପ୍ତରେ ସମ୍ପର୍କ ସ୍ଥାପନ କରି ତାଙ୍କ ସାହାଯ୍ୟରେ ପୁରୀରୁ ମରହଟ୍ଟାମାନଙ୍କୁ ବିତାଡ଼ିତ କରି ଜଗନ୍ନାଥଙ୍କୁ ହାସଲ କରିବାକୁ ଏକ ଯୋଜନା ପ୍ରସ୍ତୁତ କରାଗଲା । ମାତ୍ର ମରାଠାମାନେ ଏହା ଜାଣିପାରି ବଙ୍ଗଳାରେ ଥିବା ବ୍ରିଟିଶ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରଭାବିତ କରିବାରୁ ଏ ଯୋଜନା କାର୍ଯ୍ୟକାରୀ ହୋଇପାରିଲା ନାହିଁ ।

ଖ୍ରୀ: ୧୮୦୩ରେ ଇଂରେଜମାନେ ତାଙ୍କ ଆଡୁ ମରହଟ୍ଟାମାନଙ୍କୁ ବିତାଡିତ କରିବାପାଇଁ ଯୋଜନା ଆରମ୍ଭ କଲେ । ଏଥିପାଇଁ



ସେ ଗୁପ୍ତରେ ଢେଙ୍କାନାଳ ଓ ଖୋରଧାର ସହଯୋଗ କାମନା କଲେ । ଉତ୍ତର ଓ ଦକ୍ଷିଣ ଉଭୟ ଆଡୁ କଟକ ଉପରେ ଆକ୍ରମଣ କରି ମରାଠାମାନଙ୍କୁ ତଡିବାକୁ ହେବ । ଏହି ଯୋଜନାରେ କାର୍ଯ୍ୟ କରିବାକୁ ହେଲେ ଦକ୍ଷିଣରୁ ଖୋରଧା ରାଜ୍ୟଦେଇ ଆସିବାକୁ ପଡ଼ିବ । ତେଣୁ ଗଞ୍ଜାମରେ ଥିବା ବ୍ରିଟିଶ ସେନା ନିର୍ଦ୍ଦେଶକ ହାରକୋଟ୍ ଖୋରଧା ରାଜାଙ୍କ ପ୍ରତିନିଧି ଜୟୀ ରାଜଗୁରୁଙ୍କ ସହିତ ଯୋଗାଯୋଗ କରି ପ୍ରସ୍ତାବ ଦେଲେ ଯେ ବ୍ରିଟିଶ ସୈନ୍ୟ ଚିଲିକା ବାଟେ ପୁରୀ ଦେଇ କଟକ ଆସିବେ, ଏଥିରେ ସେ ବାଧା ଦେବେ ନାହିଁ ଏବଂ ବ୍ରିଟିଶ ସୈନ୍ୟଙ୍କୁ ଆବଶ୍ୟକୀୟ ସାହାଯ୍ୟ କରିବେ । ସେଥିପାଇଁ ରାଜାଙ୍କୁ ଏକ ଲକ୍ଷ ଟଙ୍କା ଦିଆଯିବ । ଜଗନ୍ନାଥଙ୍କୁ ଫେରି ପାଇବାକୁ ବ୍ୟାକୁଳ ଥିବା ଖୋରଧାର ପ୍ରଶାସକମାନଙ୍କ ମନରେ ଆଶାର ସଂଚାର ହେଲା । ଜୟୀରାଜଗୁରୁ ଇଂରେଜମାନଙ୍କ ଆଗରେ ଏକ ସର୍ତ୍ତ ରଖିଲେ । ଏକ ଲକ୍ଷଟଙ୍କା ସମେତ ଚାରିଟି ମାହାଲ ବିଶେଷତଃ ପୁରୁଷୋତ୍ତମ ମାହାଲ ଖୋରଧା ରାଜାଙ୍କୁ ଫେରାଇବାକୁ ହେବ । ଏଭଳି କୂଟ ଚକ୍ରାନ୍ତ ପଛରେ ଇଂରେଜମାନଙ୍କର ମନ୍ଦ ଉଦ୍ଦେଶ୍ୟ ନିହିତ ଥିବା କଥା ଜଗନ୍ନାଥଙ୍କୁ ଫେରି ପାଇବାର ଉତ୍କଣ୍ଠା ଭିତରେ ହଜିଗଲା । ଜୟୀ ରାଜଗୁରୁ ଇଂରେଜଙ୍କ ପ୍ରସ୍ତାବକୁ ଗ୍ରହଣ କରିଗଲେ । ଇଂରେଜମାନେ ପୁରୀ ଦେଇ କଟକରେ ପହଞ୍ଚି ମରାଠାମାନଙ୍କୁ ବିତାଡିତ କଲେ । ଖୋରଧା ବ୍ୟତୀତ ସମଗ୍ର ଓଡ଼ିଶା ଇଂରେଜମାନଙ୍କ ଦଖଲକୁ ଚାଲିଗଲା ।

ଜୟୀରାଜଗୁରୁ ଏହାପରେ କଟକସ୍ଥ ବ୍ରିଟିଶ ପ୍ରଶାସକଙ୍କ ସହିତ ଯୋଗାଯୋଗ କରି ଟଙ୍କା ଓ ଚାରିମାହାଲ ଫେରସ୍ତ ମାଗିଲେ । କିନ୍ତୁ ବ୍ରିଟିଶ ପ୍ରଶାସକ ମାତ୍ର ପଚାଶହଜାର ଟଙ୍କା ଦେଇ ଚାରିମାହାଲର ଫେରସ୍ତକୁ ଅସ୍ୱୀକାର କଲେ । କି ଚରମ ବିଶ୍ୱାସଘାତକତା !

ବିଶ୍ୱାସଘାତକତାରେ ମର୍ମାହତ ଜୟୀରାଜଗୁରୁ ସମ୍ମୁଖ ଯୁଦ୍ଧରେ ବ୍ରିଟିଶ ବାହିନୀକୁ ପରାସ୍ତ କରିବାକୁ ଯୋଜନା କଲେ । ଏହା ଜାଣିପାରି ବ୍ରିଟିଶ ଶାସକ ଖ୍ରୀ: ୧୮୦୪ ଡିସେମ୍ବରରେ ଅତର୍କିତ ଭାବରେ ଖୋରଧା ଦୁର୍ଗ ଆକ୍ରମଣ କଲେ । ନିମକ ହାରାମ ଚରଣ ପଟ୍ଟନାୟକ ଓ ତାର ସହଯୋଗୀ କାଞ୍ଚୀବେୱା ଦୁର୍ଗ ପ୍ରାଚୀରର ଦୁର୍ବଳସ୍ଥାନ ଇଂରେଜମାନଙ୍କୁ ଦେଖାଇ ଦେବାରୁ ସେହି ସ୍ଥାନକୁ କମାଣ ଆଘାତ କରି ଇଂରେଜମାନେ ପ୍ରାଚୀର ଭାଙ୍ଗି ଦୁର୍ଗ ମଧ୍ୟରେ ପ୍ରବେଶ କଲେ । ଫଳରେ ଖୋରଧା ଦୁର୍ଗର ପତନ ଘଟିଲା । ରାଜା ଓ ଜୟୀରାଜଗୁରୁ ରାତି ଅନ୍ଧାରରେ ଦୁର୍ଗଛାଡି ଜଙ୍ଗଲ ମଧ୍ୟକୁ ପଳାୟନ କଲେ । ବ୍ରିଟିଶମାନଙ୍କ ହାତରେ ଧରାପଡ଼ି ରାଜା ବନ୍ଦୀ ହେଲେ । ମାତ୍ର ଜୟୀ ରାଜଗୁରୁ ଜଙ୍ଗଲ ମଧ୍ୟରେ ଲୁଚି ରହିଲେ । କିଛି କାଳ ଅନ୍ତେ ଇଂରେଜମାନଙ୍କ ଦ୍ୱାରା ପ୍ରରୋଚିତ ନିମକ ହାରାମ ଚରଣ ପଟ୍ଟନାୟକର ଚକ୍ରାନ୍ତର ଶିକାର ହୋଇ ଜୟୀରାଜଗୁରୁ କିପରି ଧରାପଡ଼ିଲେ ସେକଥା ଖୋରଧାର ବିଶିଷ୍ଟ ଅନୁସନ୍ଧିତ୍ସୁ ଲେଖକ ଶ୍ରୀ ମୁରଲୀଧର ପ୍ରଧାନ ପ୍ରତ୍ୟକ୍ଷ ଅନୁସନ୍ଧାନ କରି ଲିପିବଦ୍ଧ କରିଛନ୍ତି । ଏ ଲେଖକ ମଧ୍ୟ ଶ୍ରୀ ପ୍ରଧାନଙ୍କ ସହିତ ଅନୁସନ୍ଧାନ କାର୍ଯ୍ୟରେ ସାମିଲ ହୋଇ ରହିଛି ।

ଜୟୀ ରାଜଗୁରୁ ଧରା ହେବା ପରେ ତାଙ୍କୁ ବନ୍ଦୀ କରାଯାଇ ମେଦିନୀପୁର ଜେଲ୍‌ରେ ରଖାଗଲା । ସେହିଠାରେ ୧୮୦୬ ଡିସେମ୍ବର ୬ ତାରିଖ ଦିନ ତାଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରି ଅତି ବିଭତ୍ସଭାବରେ ହତ୍ୟା କରାଗଲା । ଲିଭିଗଲା ଜଣେ ଦେଶପ୍ରେମୀ, ପରମ ଯୋଦ୍ଧା, ସ୍ୱାଭିମାନୀ ପୁରୁଷପୁଙ୍ଗବଙ୍କର ଜୀବନଦୀପ । ଶେଷ ସ୍ୱାଧୀନ ରାଜ୍ୟ ଖୋରଧାର ପତନ ସହିତ ସମଗ୍ର ଭାରତ କ୍ରୁର ଇଂରେଜ ଶାସନର ଅଧୀନ ହୋଇଗଲା ।

ଗଜପତି ମୁକୁନ୍ଦଦେବ ମେଦିନୀପୁର ଜେଲରେ ବନ୍ଦୀ ଥିବାବେଳେ ୧୮୦୭ରେ ସମସ୍ତ ଘଟଣାବଳୀ ପାଇଁ ସେ ନିର୍ଦ୍ଦୋଷ ଏବଂ ଏଥିପାଇଁ ଜୟୀରାଜଗୁରୁ ଦାୟୀ ବୋଲି ଇଂରେଜ ପ୍ରଶାସକଙ୍କୁ ଆବେଦନ କରିବାରୁ ଜେଲରୁ ମୁକୁଳି ପୁରୀରେ ଅବସ୍ଥାପିତ ହୋଇ ଜଗନ୍ନାଥ ମନ୍ଦିରର ସ୍ୱତ୍ୱାଧିକାର ପ୍ରାପ୍ତ ହେଲେ ।

ଇତିହାସକୁ ପର୍ଯ୍ୟାୟଲୋଚନା କଲେ ସ୍ପଷ୍ଟ ହୁଏ ଯେ ଜୟୀ ରାଜଗୁରୁ ଇଂରେଜମାନଙ୍କୁ ଆଦୌ ସହ୍ୟ କରିପାରୁନଥିଲେ । କାହା ପାଖରେ ଖୋରଧାର ମଥାନତ କରିବା ତାଙ୍କ ପକ୍ଷରେ ଅସମ୍ଭବ ଥିଲା । ଏପରି ଅବସ୍ଥାରେ ସେ ସଂଗ୍ରାମ ଜାରି ରଖିଥବା ବେଳେ ବିଭିନ୍ନ ପର୍ଯ୍ୟାୟରେ ବିଶ୍ୱାସଘାତକତା ହେତୁ ପରାଜୟ ବରଣ କରି ଶେଷରେ ମୃତ୍ୟୁଦଣ୍ଡ ପ୍ରାପ୍ତ ହେଲେ । ତାହା ନ ହୋଇଥିଲେ ଆଜି ହୁଏତ ଇତିହାସ ଭିନ୍ନ ରୂପ ଗ୍ରହଣ କରିଥାନ୍ତା । ଏଭଳି ଜାତ୍ୟାଭିମାନୀ ବୀରଙ୍କୁ କୋଟି ପ୍ରଣାମ ।


*ଡାକଘର ସାହି, ଖୋରଧା*
*ମୋ-୯୯୩୮୧୧୫୦୧୯*

